
ଧରିତ୍ରୀ
DHARITRI
February 19-25, 2023 ₹ 2/-

# ଛୁଟିଦିନ

# ପ୍ରତିଶ୍ରୁତିର ହାତ



ପ୍ରଚ୍ଛଦ ପ୍ରସଙ୍ଗ

୩

ଏମିତି ବି ଅନେକ ମଣିଷ ଅଛନ୍ତି, ଯେଉଁମାନେ କେବଳ ନିଜ ପାଇଁ ବଞ୍ଚନ୍ତିନି, ଅସହାୟ ବୟୋଜ୍ୟେଷ୍ଠ କି ଦୁଃଖୀ ଦରିଦ୍ରଙ୍କୁ ଦେଖିଲେ ଆଗେଇ ଆସେ ତାଙ୍କ ପ୍ରତିଶ୍ରୁତିର ହାତ...

# ଗୋଲାପ ଫୁଲ ବି ଆଣେ ସମୃଦ୍ଧି

**ପ୍ରେମର ପ୍ରତୀକ କୁହାଯାଉଥିବା ଗୋଲାପ ଫୁଲ ବି ଘରକୁ ସୁଖସମୃଦ୍ଧି ଆଣିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ତେବେ ଗୋଲାପ ଫୁଲ ସହ ବାସ୍ତୁର କ'ଣ ସବୁ ସମ୍ପର୍କ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଗୋଲାପ ଗଛ ଲଗାଇବା ଶୁଭ ହୋଇଥାଏ। ବିଶେଷକରି ନାଲିରଙ୍ଗର ଗୋଲାପ ଫୁଲ ପାଇଁ ଏହି ଦିଗ ସର୍ବୋତ୍ତମ। କୁହାଯାଏ, ଏହି ଦିଗରେ ଗୋଲାପ ଗଛ ରହିଲେ ଘରର ମୁଖିଆଙ୍କ ସାମାଜିକ ପ୍ରତିଷ୍ଠା କୁଆଡ଼େ ବଢ଼ିଥାଏ।

* ଜ୍ୟୋତିଷ ତଥା ଧର୍ମଶାସ୍ତ୍ରର ମତାନୁସାରେ, ଯଦି ପାରିବାରିକ ସମସ୍ୟା ଲାଗି ରହୁଥାଏ, ତା'ହେଲେ ଶୁକ୍ରବାର ମାତା ଲକ୍ଷ୍ମୀଙ୍କୁ ନାଲି ଗୋଲାପ ଅର୍ପଣ କରିବା ଦ୍ୱାରା ପରିବାରରେ ଶାନ୍ତି ବଜାୟ ରହିବା ସହ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ।



* ଯେଉଁ ବ୍ୟକ୍ତିଙ୍କର ବୈବାହିକ ଜୀବନରେ ବାରମ୍ବାର ସମସ୍ୟା ଦେଖାଯାଉଥାଏ, ସେମାନେ କାଚ ବାଉଲ୍‌ରେ ପାଣି ସହିତ କିଛି ଗୋଲାପ ଫୁଲର ପାଖୁଡ଼ାକୁ ଭର୍ତ୍ତି କରି ରଖିବେ। ଆଉ ପ୍ରତିଦିନ ବାଉଲ୍‌ରେ ଥିବା ପାଣି ଓ ଗୋଲାପ ପାଖୁଡ଼ାକୁ ବଦଳାଉଥିବେ। ଏମିତି କିଛିଦିନ କଲେ ସମ୍ପର୍କରେ ନିବିଡ଼ତା ଆସୁଥିବାର ଲକ୍ଷ୍ୟ କରିପାରିବେ।

* ପ୍ରତିଦିନ ସନ୍ଧ୍ୟା ଦେବାବେଳେ ମାତା ଲକ୍ଷ୍ମୀଙ୍କ ଚରଣରେ ଗୋଲାପ ଫୁଲ ଅର୍ପଣ କଲେ ଅଥବା ଶୁକ୍ରବାର ପାଞ୍ଚଟି ଗୋଲାପ ଫୁଲର ପାଖୁଡ଼ାକୁ ପାନପତ୍ରରେ ରଖି ମାତା ଦୁର୍ଗାଙ୍କୁ ଅର୍ପଣ କଲେ ଘରେ କୁଆଡ଼େ ଧନଧାନ୍ୟ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧୯-୨୫

**ମେଷ**
ଦୈହିକ ଦୁର୍ବଳତା, ବନ୍ଧୁଙ୍କ ଉଦାରତା, କାର୍ଯ୍ୟସିଦ୍ଧି, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟଙ୍କ ସହଯୋଗ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ବନ୍ଧୁ ମିଳନରୁ ଆନନ୍ଦ, ମିଥ୍ୟାଭିଯୋଗ ଆସିପାରେ, ସାହିତ୍ୟ ସଙ୍ଗୀତରୁ ପ୍ରଶଂସା, ଦୂରଯାତ୍ରା କରିପାରନ୍ତି ॥

**ବୃଷ**
ଆରୋଗ୍ୟ ଲାଭ, ମାନସିକ ସୁସ୍ଥତା, ସହକର୍ମୀଙ୍କ ପରାମର୍ଶ, ରୋଜଗାର ବୃଦ୍ଧି, ଭ୍ରମଣ ସୁଯୋଗ ମିଳିବ, ଖର୍ଚ୍ଚଭାର ବଢ଼ିବ, ମୂଲ୍ୟବାନ ଜିନିଷ କ୍ରୟ, ବିବାଦୀୟସ୍ଥିତି ବଦଳିବ, କୃତକାର୍ଯ୍ୟ ହେବେ, ଭ୍ରାତୃସମ୍ପର୍କରେ ଉନ୍ନତି ॥

**ମିଥୁନ**
ନୂତନବନ୍ଧୁତ୍ୱ, ଆର୍ଥିକ ଅଭିବୃଦ୍ଧି, ଶୁଭଖବର ପ୍ରାପ୍ତି, ନୂଆ ବ୍ୟବସାୟ ଯୋଡିବେ, ଭ୍ରାତୃ ବିବାଦର ସମାଧାନ, ଆଗନ୍ତୁକ ସକାଶେ ବ୍ୟସ୍ତତା, ସଙ୍ଗୀତ ଓ ସଂସ୍କୃତିରେ ରୁଚି, ପାରିବାରିକ ଅଶାନ୍ତି, ଋଣଗ୍ରସ୍ତ ହୋଇପାରନ୍ତି, ବିଦେଶଯାତ୍ରାର ଅଫର୍ ॥

**କର୍କଟ**
ଶାରୀରିକ ସୁସ୍ଥତା, ବିବାଦର ସମାଧାନ, ନୂତନ ଯୋଜନାରମ୍ଭ, ଅର୍ଥଦ୍ୱନ୍ଦ୍ୱ ଲାଗି ରହିବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ରାଜନୈତିକ ପ୍ରତିଷ୍ଠା, ସ୍ଥାନ ପରିବର୍ତ୍ତନର ଚିନ୍ତା, ପାରିବାରିକ ଶାନ୍ତି, ରୋଗପୀଡ଼ା କମିବ ॥

**ସିଂହ**
ଅର୍ଥସଂକଟ ଦୂର ହେବ, ଆଶାପୂରଣ ହେବ, ଗୁରୁଜନଙ୍କ ପରାମର୍ଶ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଉପରିସ୍ଥଙ୍କ ଚାପ, କୈଫିୟତ୍ ତଲବ, ହିତୈଷିଙ୍କ ସମବେଦନା, ଲୋକ ସମ୍ପର୍କ ବୃଦ୍ଧି, ଟେନସନ୍ କମିଯିବ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଋଣପରିଶୋଧ କରିବେ ॥

**କନ୍ୟା**
ଯାତ୍ରାରେ ଲକ୍ଷ୍ୟପୂରଣ, କାର୍ଯ୍ୟସାଧନରେ ପ୍ରତିରୋଧ, ସାହିତ୍ୟକୃତିରୁ ପ୍ରଶଂସା, ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟ, ପାରିବାରିକ ଶାନ୍ତି, ଦୁଃଖଦ ଖବରରୁ ଦୁଃଖ, ମୂଲ୍ୟବୋଧ ବଢ଼ିବ, ଧର୍ମକାର୍ଯ୍ୟ କରିବେ ॥

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ସଂକଟ, ପଡୋଶୀଙ୍କ ଶତ୍ରୁତା, ପାରିବାରିକ ମତାନ୍ତର, ସମ୍ପର୍କହାନୀ, ଜନକଲ୍ୟାଣ କରିବେ, ଖୁସିର ଆସର ଜମିବ, ଅବହେଳାରୁ ସୁଯୋଗ ହରାଇବେ, ପରିବହନରେ ଝଗଡ଼ା ॥

**ବିଛା**
କର୍ମକ୍ଷେତ୍ରରେ ସମ୍ମାନ, ବ୍ୟୟବୃଦ୍ଧିରୁ ଅନୁଶୋଚନା, ଆତ୍ମୀୟଙ୍କ ଅପପ୍ରଚାର, ମନ ଭାରାକ୍ରାନ୍ତ ରହିବ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ରଚନାତ୍ମକ କାମରେ ପ୍ରଶଂସା, ସଭାସମିତିକୁ ନିମନ୍ତ୍ରଣ, ଟେନ୍‌ସନ୍ ମୁକ୍ତ ହେବେ, ଅନ୍ୟମନସ୍କତାରୁ ସମସ୍ୟା ॥

**ଧନୁ**
ସୁଯୋଗ ହରାଇବେ, ପଡୋଶୀଙ୍କ ସାହାଯ୍ୟ, ନୂତନକର୍ମାରମ୍ଭ, ସ୍ୱଜନଙ୍କ ସହଯୋଗ, କରଜ ପରିଶୋଧକରିବେ, କାରବାର ବୃଦ୍ଧି ପାଇବ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ଭ୍ରମଣସୁଖ ମିଳିବ, କର୍ମକ୍ଷେତ୍ରରୁ ପ୍ରଶଂସା ॥

**ମକର**
ମାନସିକ ଅସ୍ଥିରତା, ଗସ୍ତ ବାତିଲ୍ ହେବ, ଭୁଲ୍ ବୁଝାମଣା ଦୂରହେବ, ସରକାରୀ ସହାୟତା, ମନୋରଞ୍ଜନ କାର୍ଯ୍ୟକ୍ରମ, ନୂତନ ସମ୍ପର୍କ ସୃଷ୍ଟି, ସ୍ୱର୍ଣ୍ଣାଳଙ୍କାର କ୍ରୟ, ଆନୁଷ୍ଠାନିକ କାମରେ ତତ୍ପରତା, ଅପ୍ରିୟସତ୍ୟରୁ ଅଶାନ୍ତି ॥

**କୁମ୍ଭ**
ମାଙ୍ଗଳିକ କାମର ପ୍ରସ୍ତୁତି, ଯୋଜନାରେ ସଫଳତା, ଆତ୍ମୀୟଙ୍କ ସହାନୁଭୂତି, ସାମାଜିକ ସମ୍ମାନ, ବନ୍ଧୁ ଭୁଲ୍ ବୁଝିବେ, ଯାନ୍ତ୍ରିକତ୍ରୁଟିରୁ ଯାତ୍ରାହାନୀ, କାମ ଅଧା ପନ୍ତରିଯା, ଭଦ୍ରମହିଳାଙ୍କ ସୌଜନ୍ୟତା ॥

**ମୀନ**
କ୍ରନିକ୍‌ରୋଗରେ ପୀଡ଼ା, ଆତ୍ମୀୟଙ୍କ ମିଥ୍ୟା ପ୍ରତିଶୃତି, କ୍ରୟବିକ୍ରୟରେ ଠକାମି, ପାରିବାରିକ ମତାନ୍ତର, କ୍ରୀଡ଼ା ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ପ୍ରଶାସନିକ ଅସ୍ଥିରତା, କର୍ମ ତତ୍ପର ହେବେ, ସାମ୍ବାଦିକତାରୁ ଗୌରବ, ବ୍ୟବସାୟିକ ଉନ୍ନତି ॥

# ଘଣ୍ଟାକୁ ନେଇ ବିଶ୍ୱାସ



ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଥିବା ପ୍ରତ୍ୟେକଟି ବସ୍ତୁର ପ୍ରଭାବ ଆମ ଜୀବନ ଉପରେ ପଡ଼ିଥାଏ। ସେମିତି ଏକ ବସ୍ତୁ ହେଉଛି ଘଣ୍ଟା। ସମୟ ଜାଣିବା ପାଇଁ ସାଧାରଣତଃ ଘରେ ଘଣ୍ଟା ଲଗାଯାଇଥାଏ। କିନ୍ତୁ ଏହି ଘଣ୍ଟା ଲଗାଇବା ପାଇ ଠିକ୍ ଦିଗ ଚୟନ କରିବା ବି ଅତ୍ୟନ୍ତ ଜରୁରୀ ; ନଚେତ୍ ଏହାର ଅନେକ କୁପ୍ରଭାବ ଆମକୁ ଭୋଗିବାକୁ ହୋଇଥାଏ। ଯେମିତିକି: * ଘଣ୍ଟାକୁ ସର୍ବଦା ଘରର ପୂର୍ବ, ପଶ୍ଚିମ ଅଥବା ଉତ୍ତର ଦିଗର କାନ୍ଥରେ ଲଗାଇବା ଦରକାର। ଯେହେତୁ ଦକ୍ଷିଣ ଦିଗ ହେଉଛି ଯମରାଜାଙ୍କର ତେଣୁ ଉକ୍ତ ଦିଗରେ ଘଣ୍ଟା ନ ଲଗାଇବା ଉଚିତ୍। କାରଣ ଏହାଦ୍ୱାରା ଘର ସଦସ୍ୟଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଖାସ୍ କରି ଆୟୁ ଓ ସ୍ୱାସ୍ଥ୍ୟହାନିର ଏହା କାରଣ ସାଜିଥାଏ। * କେବେ ବି ଘରର ମୁଖ୍ୟଦ୍ୱାର ବା ମୁଖ୍ୟଦ୍ୱାରର କବାଟ ଉପରେ ଘଣ୍ଟା ଲଗାଇବେ ନାହିଁ ; କାରଣ ଏହାଦ୍ୱାରା ଘରେ ଝଗଡ଼ା ଲାଗିଥାଏ ବୋଲି ବିଶ୍ୱାସ ରହିଛି। * ଘଣ୍ଟା ଉପରେ କେବେ ବି ଧୂଳି ଜମିବାକୁ ଦେବେନାହିଁ। ଏଥିସହିତ ଭାଙ୍ଗିଯାଇଥିବା କିମ୍ବା ଅଚଳ ଘଣ୍ଟାକୁ ବି ଘରେ ଆଦୌ ରଖିବେ ନାହିଁ। କାରଣ ଏହା ଅଶୁଭ ସୂଚନା ଦେଇଥାଏ। * ଅନ୍ୟପକ୍ଷେ ଘଣ୍ଟାକୁ କେବେ ବି ବିଳମ୍ବରେ ଚାଲିବାକୁ ଦେବେନାହିଁ। ଆବଶ୍ୟକ ହେଲେ ଏହାର ସମୟକୁ ଦୁଇ ତିନି ମିନିଟ୍ ଆଗୁଆ ପଛେ ଚାଲିବାକୁ ଦେବେ ହେଲେ ସାମାନ୍ୟ ବିଳମ୍ବ ହେବାକୁ ଦେବେନାହିଁ। କାରଣ ଏହାଦ୍ୱାରା ପରିବାର ଲୋକଙ୍କ ଉପରେ କୁଆଡ଼େ ସମୟାନୁବର୍ତ୍ତିତାର ଓଲଟା ପ୍ରଭାବ ପଡ଼ିଥାଏ।

# ପାଠକୀୟ

➤ସେ ପୃଥିବୀ ପ୍ରସିଦ୍ଧ ତାଜମହଲ ହେଉ କି କୁତବ୍‌ମୀନାର। ପୁଣି ଶ୍ରୀମନ୍ଦିର ହେଉ ଅବା ବ୍ଲାକ୍‌ପାଗୋଡ଼ା କୋଣାର୍କ। ଏସବୁକୁ ନିର୍ମାଣ କରିଥିଲେ ଜଣେ ଜଣେ ପ୍ରବଳ ପ୍ରତାପୀ ରାଜା, ମହାରାଜା ଓ ସମ୍ରାଟ୍। ତେବେ ଏହି କ୍ଷେତ୍ରରେ ରାଣୀ, ମହାରାଣୀମାନେ ବି ନ ଥିଲେ ପଛରେ। ସେମାନେ ଗଢ଼ିଥିବା ଅନେକ ସ୍ଥାପତ୍ୟ ତ ଆଜି ବି ଦେଶର ଯଶ ଓ ଖ୍ୟାତି ସାରା ପୃଥିବୀରେ ବଢ଼ାଉଛି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ରାଣୀଙ୍କ ସ୍ଥାପତ୍ୟ' ସତରେ ଏକ ନିଆରା ଆଲେଖ୍ୟ ଥିଲା। 'ଘର ପାଇଁ ବାସ୍ତୁ', 'ଏମିତି ଯଦି ହେଉଥାଏ' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା।

*– ପ୍ରଭାରାଣୀ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ*

➤ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରେ ଉପସ୍ଥାପନା କରାଯାଇଥିବା 'ରାଣୀଙ୍କ ସ୍ଥାପତ୍ୟ' ଶୀର୍ଷକ ଆଲେଖ୍ୟଟି ଏକ ଭିନ୍ନ ସ୍ୱାଦର ଲେଖା ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟି ଲେଙ୍ଗ୍‌ଥ ଡ୍ରେସ୍' ସମ୍ପର୍କରେ ଅନେକ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶବ୍ଦ ଶିଳ୍ପୀ ସୁଷମା ମିଶ୍ରଙ୍କ ଜୀବନୀ ସମ୍ପର୍କରେ ମଧ୍ୟ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଘର' ଶୀର୍ଷକ ଗପଟି ବି ମୋ ମନକୁ ବେଶ୍ ଛୁଇଁଗଲା।

*– ବାଳକୃଷ୍ଣ ବାହିନୀପତି, ରସୁଲଗଡ଼, ଭୁବନେଶ୍ୱର*

➤ସିନେମା ପୃଷ୍ଠାରେ ସ୍ଥାନିତ 'ବାୟୋପିକ୍ ନିଶା', 'ଅକ୍ଷୟଙ୍କ ପ୍ରଶଂସାରେ ଇମ୍ରାନ', 'ଜାହ୍ନବୀଙ୍କ ବଓ୍ୱାଲ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। ସଫ୍ଟଓ୍ୱେର ଇଂଜିନିୟର ଓ କବୟିତ୍ରୀ ମୋନାଲିସା ଦାଶଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଯେତିକି ମନଛୁଆଁ ଥିଲା ସେତିକି ପ୍ରେରଣାଦାୟୀ ବି ହୋଇଥିଲା। ସାଥୀର ଉତ୍ତର ବି ବେଶ୍ ରୋମାଣ୍ଟିକ୍‌ଭରା ଲାଗୁଥିଲା।

*–ସନାତନ ରାଉତ, ପାଣିକୋଇଲି, ଯାଜପୁର*

➤ସାମାଜିକ କର୍ମୀ ସୁବାସ ନାୟକଙ୍କ ବୃକ୍ଷରୋପଣର ନିଶା ବିଷୟରେ ଏଥରର ଛୁଟିଦିନରୁ ପଢି ବହୁତ ଖୁସି ଲାଗିଲା। ଅନ୍ୟପକ୍ଷେ ଯୁବଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପଟ୍ଟଚିତ୍ରର କଳାକୁ ବି ଖୁବ୍ ଭଲ ଭାବେ ଉପସ୍ଥାପନା କରାଯାଇଥିଲା ଏହି ସଂଖ୍ୟାରେ, ଯାହା ବେଶ୍ ପ୍ରେରଣାଦାୟୀ ହୋଇପାରିଥିଲା। ମଡେଲ୍ ମିରର୍‌ରେ ମାନସୀ ଖୁବ୍ ସୁନ୍ଦରୀ ଲାଗୁଥିଲେ। ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟ ସମ୍ପର୍କରେ ସହର ପୃଷ୍ଠାରୁ ଅନେକ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ପ୍ରତୀକ୍ଷା ସ୍ୱାଇଁ, ଖଲ୍ଲିକୋଟ, ଗଞ୍ଜାମ*

➤ବିବିଧା ପୃଷ୍ଠାରେ ସ୍ଥାନିତ 'କଥା ଛୁଅଁର', 'ଚକୋଲେଟ୍‌ରେ ସଜବାଜ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମଟର ଫୁଙ୍କି ରେକର୍ଡ', 'ତଥାପି ମଡେଲ', 'ଜେଟ୍ ସୁଟ୍ ଏୟାର ଆମ୍ବୁଲାନ୍ସ' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। *–ସିଦ୍ଧାର୍ଥ ପଟ୍ଟନାୟକ, ଚାନ୍ଦବାଲି, ଭଦ୍ରକ*

## ବିଶେଷ ଚିଠି



ରାଣୀଙ୍କ ସ୍ଥାପତ୍ୟକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
କହୁଥିଲା ଅନେକ କାହାଣୀ
ମନେ ଭରୁଥିଲା ଅପାର ଆନନ୍ଦ।
ତୁମ ସିନେମା ପୃଷ୍ଠା ବି ଲାଗେ ଭାରି ଖାସ୍
ସାଥୀର ଉତ୍ତର ପଢ଼ି ମନ ରହେ ବିନ୍ଦାସ୍,
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ମୁଁ ଭଲପାଏ ସବୁବେଳେ ସବୁଦିନ।

*–ଗୌରହରି ବିଶ୍ୱାଳ, ନାଲ୍‌କୋ ନଗର, ଅନୁଗୋଳ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପ୍ରତିଶ୍ରୁତିର ହାତ

ଏମିତି ବି ଅନେକ ମଣିଷ ଅଛନ୍ତି, ଯେଉଁମାନେ କେବଳ ନିଜ ପାଇଁ ବଞ୍ଚନ୍ତିନି, ଅସହାୟ ବୟୋଜ୍ୟେଷ୍ଠ କି ଦୁଃଖୀ ଦରିଦ୍ରଙ୍କୁ ଦେଖିଲେ ଆଗେଇ ଆସେ ତାଙ୍କ ପ୍ରତିଶ୍ରୁତିର ହାତ...


ଶ୍ରୀକୃଷ୍ଣ ନିବାସର ଅନ୍ତେବାସୀ




ସେବକର ଅନ୍ତେବାସୀ





ପ୍ରତ୍ୟେକ ମାତାପିତା ନିଜ ସନ୍ତାନର ଭବିଷ୍ୟତ ପାଇଁ ନିଜର ସବୁ ସୁଖସୁବିଧାକୁ ତୁଚ୍ଛ କରିଦିଅନ୍ତି। କିନ୍ତୁ ଅନେକ ସମୟରେ ଦେଖିବାକୁ ମିଳେ କେତେକ ସନ୍ତାନ ତାଙ୍କ ମାତାପିତାଙ୍କ ତ୍ୟାଗକୁ ପାଶୋରି ଯାଆନ୍ତି। ଯେଉଁଥିପାଇଁ ବୃଦ୍ଧ ମାତାପିତା ଶେଷ ସମୟରେ ଅସହାୟ ହୋଇପଡନ୍ତି। ଏପରିକି ତାଙ୍କ ପାଇଁ ରହିବାକୁ ଘର ନଥାଏ କି ଖାଇବାକୁ ଦାନା ନଥାଏ। ସମ୍ପୂର୍ଣ୍ଣ ଅଲୋଡ଼ା ହୋଇଯାନ୍ତି ସେମାନେ ନିଜ ପିଲାଙ୍କ ପାଖରେ। ଅବଶ୍ୟ ପିଲାମାନେ ସିନା ତାଙ୍କୁ ଅଲୋଡ଼ା ଭାବନ୍ତି କିନ୍ତୁ ଏମିତି ବି କେତେଜଣ ଅଛନ୍ତି, ଯେଉଁମାନେ ଏହି ଅସହାୟ ବୟୋଜ୍ୟେଷ୍ଠଙ୍କୁ ସହାୟତାର ହାତ ବଢାଇଥାନ୍ତି। କେବଳ ବୟୋଜ୍ୟେଷ୍ଠ ନୁହଁନ୍ତି ଦୁଃଖୀ ଦରିଦ୍ରଙ୍କ ପାଇଁ ବି ତାଙ୍କ ପ୍ରତିଶ୍ରୁତିର ହାତ ଲମ୍ବିଆସେ। ସେମିତି କେତେଜଣ ମଣିଷଙ୍କ ସମ୍ପର୍କରେ...

**ସେବାରେ ଆନନ୍ଦ ମିଳୁଛି–** ଛାତ୍ରଜୀବନରୁ ବିଭିନ୍ନ ଜନକଲ୍ୟାଣ କାମ କରୁଥିଲେ ଖୋର୍ଦ୍ଧା ଜିଲା କୁମ୍ଭୀରପଡ଼ା ଗ୍ରାମର ସୁକାନ୍ତ ବିଶ୍ୱାଳ। ଇଚ୍ଛା ଥିଲା ଭବିଷ୍ୟତରେ ଏକ ଦାତବ୍ୟ ଚିକିତ୍ସାଳୟ ଗଢିବେ। ମାତ୍ର ସମୟକ୍ରମେ ସବୁକିଛି ବଦଳିଗଲା। ସେ କୁହନ୍ତି, ଆଜକୁ ପ୍ରାୟ ୧୫ବର୍ଷ ତଳେ ମୋର ଏକମାତ୍ର ପୁଅ ଅମିତ୍ ସଫ୍ଟୱେର ଇଞ୍ଜିନିୟର ଭାବେ ଆନ୍ଧ୍ରପ୍ରଦେଶରେ କାର୍ଯ୍ୟ କରୁଥିଲା। ମାତ୍ର ସେଠାରେ ତା'ର ଏକ ଭାଇରସ୍ ଆକ୍ରାନ୍ତରେ ଅକାଳ ବିୟୋଗ ଘଟିଲା। ଏଥିରେ ମୁଁ ଏବଂ ମୋ ସ୍ତ୍ରୀ ବିଳାସିନୀ ଦୁଃଖରେ ଭାଙ୍ଗିପଡିଲୁ। ସେବେଠାରୁ ସଂସାର ତୁଚ୍ଛ ଲାଗିଲା। ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାଇଲୁ। କିନ୍ତୁ କରୋନା ସମୟରେ ଦେଖିଲି, ଆମ ଗାଁ ନିକଟସ୍ଥ ଜାତୀୟ ରାଜପଥରେ ଜଣେ ବ୍ୟକ୍ତି କିଛିବାଟ ଚାଲିଚାଲି ଯାଉଥା'ନ୍ତି ପୁଣି ଟିକେ ଅଟକି ଯାଇ ଅଳ୍ପ ପାଣି ପିଉଛନ୍ତି, ପୁଣି କିଛିବାଟ ଯିବାପରେ ସେହିପରି ପାଣି ପିଉଛନ୍ତି। ଏକଥା ଦେଖି ତାଙ୍କୁ ପଚାରିବାରୁ ଜାଣିଲି ସେ ବ୍ରହ୍ମପୁରରୁ କଟକ ଚାଲିଚାଲି ଆସୁଥିବା ବେଳେ ଦୁଇଦିନଧରି ଭୋକଉପାସରେ ଅଛନ୍ତି। ତାଙ୍କୁ ଖାଇବାକୁ ଦେଇଥିଲି। ଆଉ ସେହିଦିନଠାରୁ ପ୍ରତିଦିନ ବୁଲିବୁଲି ମାଗଣାରେ ପ୍ରାୟ ୭୦ଜଣ ଅସହାୟ ଲୋକଙ୍କୁ ପ୍ରାୟ ୩ମାସ ଯାଏ ରନ୍ଧାଖାଦ୍ୟ ବଣ୍ଟନ କଲି। ଏମିତି ବୁଲୁଥିବା ସମୟରେ ବଡ଼କୁଳ ଛକଠାରେ ଦିନେ ଜଣେ ଅସହାୟ ବୃଦ୍ଧାଙ୍କୁ ଦେଖିଲି। ଫୁଟ୍‌ପାଥରେ ଅସହାୟଭାବେ ରହୁଥିଲେ। ତାଙ୍କଠାରୁ ଜାଣିଲି ତାଙ୍କର ଦୁଇପୁଅ ସରକାରୀ ଚାକିରି କରିଛନ୍ତି ମାତ୍ର ନିଜ ମା'ଙ୍କୁ ଅବହେଳା କରିବାରୁ ସେ ନିଜଘରୁ ବାହାରିଆସି ଭିକ୍ଷାକରି ଚଳୁଛନ୍ତି। ଏହି ଘଟଣା ମୋ ମନରେ ଦୁଃଖ ଦେଲା। ତା' ପରେ ସେହି ବୃଦ୍ଧାଙ୍କୁ ସେବାକରି ଘରକୁ ଆଣିଥିଲି। ଏହି ଘଟଣା ପରେ ଏକ ସେବାଶ୍ରମ କରିବା ପାଇଁ ଚିନ୍ତା କଲି। ଏବେ ଆମ ଗାଁରେ ମୋ ଘରେ ଏକ ବୃଦ୍ଧାଶ୍ରମ ପ୍ରତିଷ୍ଠା ହୋଇଛି। ନିଜସ୍ୱ ଉଦ୍ୟମରେ ଆବଶ୍ୟକ ଖର୍ଚ୍ଚ କରୁଛି। ଏଠାରେ ପ୍ରାୟ ୩୦ ଜଣ ବୃଦ୍ଧାବୃଦ୍ଧ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୩ଜଣ ବୃଦ୍ଧା ଓ ୧୭ଜଣ ବୃଦ୍ଧ। ଏବେ ଏହି ବୃଦ୍ଧାଶ୍ରମକୁ କେନ୍ଦ୍ରସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ସହାୟତାର ହାତ ବଢାଇଛି। ଏଥିସହିତ କିଛି ବୁଲାଗୋରୁଙ୍କ ପାଇଁ ସୋଲରିଠାରେ ଏକ ଗୋ-ଶାଳା କରିଛି । ମୋର ଗୋଟିଏ ମାତ୍ର ଇଚ୍ଛା ଏହି ଅସହାୟ ମା'ବାପାଙ୍କ ସହିତ ପରିବାରର ଜଣେ ସଦସ୍ୟ ଭାବେ ଶେଷନିଃଶ୍ୱାସ ଥିବା ଯାଏ ସମୟ ବିତାଇବି।

**ମାନବ ସେବା ମାଧବ ସେବା:** ପୁରୁଣା ଭୁବନେଶ୍ୱରରେ ରହିଛି ଶ୍ରୀକୃଷ୍ଣ ଜରାନିବାସ। ଏହା ୨୦୧୨ ମସିହାରେ ସ୍ଥାପିତ ହୋଇଛି। ଏହାର ଦାୟିତ୍ୱରେ ଥିବା ରାଜେଶ ମହାପାତ୍ର କୁହନ୍ତି, ଆମ ଗାଁ ପୁରୀ ଜିଲାର ନିମାପଡ଼ା ବିଜିପୁରରେ। କିନ୍ତୁ ଗାଁରେ ରହୁଥିଲାବେଳେ ମୋ ବାପା ଉଗ୍ରେସନ ମହାପାତ୍ରଙ୍କ ପରୋପକାର ଓ ସେବାର ପ୍ରଭାବ ମୋ ଉପରେ ପଡିଥିଲା। ଯେତେବେଳେ ରେଭେନ୍‌ଶାରେ ପଢୁଥିଲି, ସେତେବେଳେ କାହାରି ଦେହ ଅସୁସ୍ଥ ହେଲେ ମେଡିକାଲକୁ ଚିକିତ୍ସା ପାଇଁ ନେଉଥିଲି। ପରେ ଅସହାୟ ଲୋକଙ୍କୁ ଦେଖିଲାପରେ ଏକ ଆଶ୍ରମ କରି ସେମାନଙ୍କ ସେବା କରିବାର ଚିନ୍ତା ଘାରିଥିଲା। ଏଥିପାଇଁ ପ୍ରଥମେ ପ୍ରାୟ ୫ ଜଣ ଅସହାୟ ଲୋକଙ୍କୁ ଏକ ଭଡ଼ାଘରେ ନିଜସ୍ୱ ଉଦ୍ୟମରେ କିଛିଦିନ ରଖି ସେବା କରିଥିଲି। କ୍ରମେ ଅନେକ ଅସହାୟ ଏଠାକୁ ଆସିଲେ। ଏବେ ଏଠାରେ ପ୍ରାୟ ୮୬ଜଣ ଅନ୍ତେବାସୀ ରହୁଛନ୍ତି। ଏମାନଙ୍କ ସେବା ପାଇଁ ୨୦ଜଣ ସେବକ ଅଛନ୍ତି। ଅନୁଷ୍ଠାନ ପରିଚାଳନାରେ ବିଭିନ୍ନ ବଦାନ୍ୟବ୍ୟକ୍ତିଙ୍କ ସହଯୋଗ ରହିଛି। ମୋ ସହିତ ଡାକ୍ତର ଜିତେନ୍ଦ୍ର ଦାସ, ବେଣୁଧର ଗୋଛି, ପ୍ରଦୀପ୍ତ ଦାସଙ୍କ ସମେତ ଅନେକ ବ୍ୟକ୍ତି ସାମିଲ ହୋଇଛନ୍ତି। ସମସ୍ତଙ୍କ ଲକ୍ଷ୍ୟ ଅସହାୟ ଲୋକଙ୍କ ସେବା କରିବା। ମୋର ଇଚ୍ଛା ଯେତେଦିନ ଯାଏ ଥିବି, ଜଗନ୍ନାଥଙ୍କ ଆଶୀର୍ବାଦରୁ ଏମିତି ସେବା କରିଚାଲିଥିବି।

**ଅସହାୟଙ୍କ ସେବାରେ ପୁଣ୍ୟ ମିଳେ:** ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆର ସୋଲରଠାରେ ଗଢିଉଠିଛି ଏକ ସେବକ ଜରାଶ୍ରମ। ଏଠାରେ ଦୁଇଶହରୁ ଉର୍ଦ୍ଧ୍ୱ ଅସହାୟ ନିରାଶ୍ରୟ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତି ରହିଛନ୍ତି। ସେବକର ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ବିଶ୍ୱାଳ କୁହନ୍ତି, ବିଭିନ୍ନ ବର୍ଗର ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ଜରାଶ୍ରମ କଷ୍ଟେମଷ୍ଟେ ଚାଲୁରହିଛି। ସେବା କରିବା ମନୋବୃତ୍ତି ନେଇ କେତେଜଣ ସାଙ୍ଗ ରାଜପଥ କଡ଼, ଷ୍ଟେଶନ କିମ୍ବା ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଅସହାୟ ରୋଗଗ୍ରସ୍ତ ଅବସ୍ଥାରେ ପଡି ରହିଥିବା ବ୍ୟକ୍ତିଙ୍କୁ କଟକ ବଡ଼ ମେଡିକାଲ ଆଣି ସେମାନଙ୍କୁ ଚିକିତ୍ସା କରୁଥିଲୁ। ପରେ ସେମାନଙ୍କ ଠିକଣା ବୁଝି ତାଙ୍କୁ ପହଞ୍ଚାଉଥିଲୁ। ମାତ୍ର କିଛି ଲୋକଙ୍କ ଠିକଣା ନ ଥିବାରୁ ସେମାନଙ୍କୁ ଆଣି ଛତିଆଠାରେ ଏକ ଫାର୍ମ ହାଉସ୍‌ରେ ରଖି ଯତ୍ନ ନେଉଥିଲୁ। ଧୀରେ ଧୀରେ ଅସହାୟ ନିରାଶ୍ରୟ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସୋଲରଠାରେ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏକଗୃହ ନିର୍ମାଣ କରି ପ୍ରଥମେ ୧୦ଜଣଙ୍କୁ ନେଇ ଗଢିଉଠିଥିଲା ସେବକ ଜରାଶ୍ରମ। ଆଜି ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଏଠାରେ ହସଖୁସିରେ ସମୟ ଅତିବାହିତ କରୁଛନ୍ତି। ଏହା ସହିତ ଏଠାରେ ଏକ ଗୋଶାଳା ରହିଛି।

→





ମିନତି ପଟ୍ଟନାୟକ



ଅନ୍ତେବାସୀଙ୍କ ନିମନ୍ତେ ଏଠାରେ ବର୍ତ୍ତମାନ ଛୋଟବଡ଼ ୧୪ଟି ଗୃହ ନିର୍ମାଣ ହୋଇଛି । ଏହାସହିତ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ସପ୍ତାହକୁ ଦୁଇଥର ଶିବିର କରାଯାଉଛି। ଏଠାକାର ଅନ୍ତେବାସୀଙ୍କ ମତରେ, ସେମାନେ ଏଠାରେ ବେଶ୍ ଖୁସିରେ ଅଛନ୍ତି। ଆତ୍ମୀୟସ୍ୱଜନ ନହେଲେ ବି ଏମାନେ ତାଙ୍କଠାରୁ ବହୁତ ଅଧିକ କରୁଛନ୍ତି।

**ତ୍ୟାଗ, ସେବା ଓ ଦାନରେ ଶାନ୍ତି ମିଳେ:** ଆଜିକାଲି ଦୁନିଆରେ ମଣିଷ ନିଜ ଆତ୍ମୀୟସ୍ୱଜନକୁ ସାହାଯ୍ୟ କରିବାକୁ ପଛେଇ ଯାଉଥିବାବେଳେ ଇଏ ଏମିତି ଜଣେ ମହିଳା, ଯେକି ନିଜର କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତିକୁ ସ୍ୱଇଚ୍ଛାରେ ବୁଢ଼ା ସାମଲ ନାମକ ଜଣେ ରିକ୍ସାବାଲାଙ୍କୁ ପ୍ରଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସେ ହେଲେ କଟକ ସୁତାହାଟ ଖ୍ରୀଷ୍ଟିୟାନ ସାହିରେ ରହୁଥିବା ମିନତି ପଟ୍ଟନାୟକ। ବୟସ ୬୩ ବର୍ଷ। ୨୦୨୧ ନଭେମ୍ବର ମାସରେ ଏହି ଖବର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା ; ଯାହା ଏବେ ବି ସଭିଙ୍କ ମନରେ ସତେଜ ରହିଛି। ସାମାନ୍ୟ ଅର୍ଥ ବା ଜମି ଚାଖଣ୍ଡେ ପାଇଁ ଆତ୍ମୀୟ, ପରିଜନ ଶତ୍ରୁ ପାଲଟି ଯାଉଥିବା ବେଳେ ମିନତିଙ୍କ ଏଭଳି ମହତ୍ କାର୍ଯ୍ୟ କେବଳ ଯେ ଏକ ବେସାହାରା ପରିବାରକୁ ସାହାରା ଯୋଗାଇଲା ତାହା ନୁହେଁ, ବରଂ ସାରା ଦୁନିଆକୁ ଏକ ଭଲ ବାର୍ତ୍ତା ଦେଲା। ମିନତିଙ୍କ କହିବାନୁସାରେ, ମୋର ଏ ଦୁନିଆରେ ନିଜର ବୋଲି ଆଉ କେହି ନାହାନ୍ତି। ଦିନଥିଲା ଘରେ ମୋ ସ୍ୱାମୀ ଓ ଝିଅଙ୍କୁ ନେଇ ଖୁସୀରେ ରହୁଥିଲୁ। କିନ୍ତୁ ଦିନେ ସମୟ ଆସିଲା ସେମାନେ ସମସ୍ତେ ଏ ସଂସାର ଛାଡ଼ି ଚାଲିଗଲେ। ୨୦୨୦ରେ ସ୍ୱାମୀଙ୍କ ଦେହାନ୍ତ ହୋଇଗଲା। ଏକମାତ୍ର ଝିଅ କୋମଲ ହୃଦ୍‌ଘାତରେ ଆରପାରିକୁ ଚାଲିଗଲା। ଦୁନିଆରେ ମୁଁ ସମ୍ପୂର୍ଣ୍ଣ ଏକା ହୋଇଗଲି। ମୋର ପରିଣତ ବୟସରେ କିଏ ହେବ ମୋ ସାହାରା, ଏମିତି ଚିନ୍ତା ମୋତେ ଘାରିଥିଲା। ଭାବିଲି ବଞ୍ଚିଥାଉ ଥାଉ ମୋର ସମ୍ପତ୍ତିସବୁକୁ ଦାନ କରିଦେବି। ଆମ ବନ୍ଧୁବାନ୍ଧବ ସମସ୍ତଙ୍କର ବହୁତ ଧନସମ୍ପତ୍ତି ରହିଛି। ଯଦି ଦେବି ଜଣେ ନିରାଶ୍ରୟ ଲୋକଙ୍କୁ ଦେବି। ବହୁତ ଚିନ୍ତା କରି ମୋର ସମ୍ପତ୍ତି ବୁଢ଼ା ସାମଲ ନାଁରେ ଉଇଲ୍ କରିଦେଲି। ସେ ଜୀବନ ସାରା ନିଃସ୍ୱାର୍ଥପର ଭାବେ ମୋର ତଥା ମୋ ପରିବାରର ସେବା କରିଆସିଛି। ସେ ହିଁ ଉପଯୁକ୍ତ ବ୍ୟକ୍ତି ଏ ସମ୍ପତ୍ତି ପାଇବା ପାଇଁ। କେବଳ ସେତିକି ନୁହେଁ ମିନତି ବିଭିନ୍ନ ସମୟରେ ତାଙ୍କ ନଜରରେ ଆସୁଥିବା ଅସହାୟ ଲୋକଙ୍କୁ ନିଜର ସାଧ୍ୟମତେ ଖାଦ୍ୟ, ବସ୍ତ୍ର ପ୍ରଦାନ କରିଥାନ୍ତି। ଏଥିରେ ତାଙ୍କୁ ବେଶ୍ ଆନନ୍ଦ ମିଳୁଛି ବୋଲି କୁହନ୍ତି ମିନତି। ସେ ଏହା ଭାବନ୍ତି, ଥରେ ଯଦି କାହାରିକୁ ହାତଟେକି କିଛିବି ଧନସମ୍ପତି ଦାନ କରିବ ତା'ହେଲେ ଉପରବାଲା ନିଶ୍ଚୟ ତା'ର ଉପକାର କରିବ।

**ବରିଷ୍ଠ ନାଗରିକ ଦେଶର ଅଭିଭାବକ:** ଉତ୍ତର ଭୁବନେଶ୍ୱର ରଘୁନାଥପୁର ଗ୍ରାମଠାରେ ୧୯୧୪ ମସିହାରେ ଗଢିଉଠିଥିଲା ଶିରିଡ଼ି ସାଇ ସନ୍ଥ ଆଶ୍ରମ ଓ ଜରାନିବାସ । ଏକ ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ଏହି ଆଶ୍ରମରେ ବୃଦ୍ଧାବୃଦ୍ଧମାନଙ୍କ ସାମାଜିକ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ବହୁ ସମୟରେ ପୋଲିସ ପ୍ରଶାସନ ହେଉ କି ସାଧାରଣ ସ୍ୱେଚ୍ଛାସେବୀମାନେ ଯାହାଙ୍କୁ ଅସୁରକ୍ଷିତ ମନେକରନ୍ତି ସେମାନଙ୍କୁ ଏଠାରେ ଆଣି ଛାଡିଥାନ୍ତି ଓ ଏହି ନିରାଶ୍ରୟମାନଙ୍କ ଗୁରୁଦାୟିତ୍ୱ ଏଠାକାର ସଦସ୍ୟମାନେ ନେଇଥାନ୍ତି। ଏହି ଆଶ୍ରମରେ ବର୍ତ୍ତମାନ ୧୦ ଜଣ ବୃଦ୍ଧ ଓ ୬ ଜଣ ବୃଦ୍ଧା ଅଛନ୍ତି । ସେମାନଙ୍କ ପାଇଁ ଦୁଇଜଣ ସେବିକା ଓ ଦୁଇଜଣ ରୋଷେଇ ଓ ଖାଦ୍ୟ ଯୋଗାଣ ପାଇଁ ଅଛନ୍ତି। ଏହା ସହିତ ଜରୁରୀ ସେବା ଦେବା ପାଇଁ ଏକ ଆମ୍ବୁଲାନ୍ସ ଅଛି। ଉକ୍ତ ଜରାନିବାସ କରିବା ପଛରେ ବହୁ ଲୋକଙ୍କ ସମର୍ଥନ ରହିଛି ବୋଲି କୁହନ୍ତି ସାଇ ଜରାନିବାସ ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ପାତ୍ର। ଏହି ଜରାନିବାସ କରିବା ପଛରେ ଥିବା ଉଦ୍ଦେଶ୍ୟକୁ ନେଇ ବିଜୟ କୁହନ୍ତି, କୌଣସି ଲୋକଙ୍କୁ ଅସହାୟ ଅବସ୍ଥାରେ ଦେଖିଲେ ମୋର ମନ ଭିତରେ ଦୁଃଖରେ ଘାଣ୍ଟି ହୋଇଯାଏ। ସେଥିପାଇଁ ଆଶ୍ରମ ତିଆରି ହେଲେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇ ପାରିବ ବୋଲି ଭାବିଲି। ଏହି ଆଶ୍ରମଟି ଆମର ନିଜସ୍ୱ ଜାଗାରେ ହୋଇଛି ; ଯେଉଁଥିପାଇଁ ମୋ ବାପା ରବୀନ୍ଦ୍ର ପାତ୍ରଁ ପାଞ୍ଚ ଗୁଣ୍ଠ ଜାଗା ଦାନ କରିଛନ୍ତି ଓ ଏବେ ଆଉ ଦୁଇ ଏକର ଜାଗା ଆଶ୍ରମ ନାମରେ କିଣାଯାଇଛି। ଏଥିପାଇଁ ସାଇବାବାଙ୍କ ଆଶୀର୍ବାଦ ରହିଛି ବୋଲି ମୁଁ ବିଶ୍ୱାସ କରେ। ଆଶ୍ରମ ତରଫରୁ ଏକ ପୁରୁଣା ଲୁଗା ବ୍ୟାଙ୍କ କରାଯାଇଛି, ଯାହାର ଆବଶ୍ୟକ ସେମାନେ ନେଇପାରିବେ। ସେହିପରି ଅସହାୟ ଗରିବ ଲୋକମାନଙ୍କ ପାଇଁ ରନ୍ଧାଖାଦ୍ୟ ଯୋଗାଣ ସହ ପଶୁପକ୍ଷୀମାନଙ୍କ ଖାଦ୍ୟପେୟର ବ୍ୟବସ୍ଥା ବି କରାଯାଇଛି । ଏଠାରେ ବିଭିନ୍ନ ସେମିନାର କରି ସେବାଭାବନା ଜାଗ୍ରତ ନିମନ୍ତେ ଯୁବକମାନଙ୍କୁ ପ୍ରେରଣା ଦିଆଯାଉଛି ।

କେବଳ ଏମାନେ ନୁହଁନ୍ତି, ଏମାନଙ୍କ ଛଡ଼ା ଆହୁରି ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଅସହାୟ ବୟୋଜ୍ୟେଷ୍ଠ ଓ ଦୁଃଖୀ ଦରିଦ୍ରଙ୍କ ସାହାରା ହେବା ପାଇଁ ଅଣ୍ଟା ଭିଡୁଛନ୍ତି। ବଢେଇ ଦେଉଛନ୍ତି ପ୍ରତିଶ୍ରୁତିର ହାତ। ବଞ୍ଚିବା ପାଇଁ ଦେଉଛନ୍ତି ଠିକଣା। ଆଉ ସେମାନଙ୍କୁ ବିଶ୍ୱାସ ଦେଉଛନ୍ତି ଯେ, ସେମାନେ ଏକା ନୁହଁନ୍ତି।

**-ବନବିହାରୀ ବେହେରା,**
**ତଥ୍ୟ ସହାୟତା: ସୁବାସ ପ୍ରଧାନ,**
**ସୌମ୍ୟରଞ୍ଜନ ସାହୁ, କାର୍ତ୍ତିକ ସାହୁ**





ଶିରିଡ଼ି ସାଇ ସନ୍ଥ ଆଶ୍ରମ



କୁମ୍ଭୀରପଡ଼ାର ଆଶ୍ରମ

# ପରାନ୍ଦା ଫ୍ୟାଶନ







**ପରାନ୍ଦା ହେଉଛି ଏକପ୍ରକାର ହେୟାର୍ ଆସେସରିଜ୍; ଯାହାକୁ ମୁଖ୍ୟତଃ ପଞ୍ଜାବୀ ଝିଅମାନେ ବ୍ୟବହାର କରୁଥିଲେ। କିନ୍ତୁ ଏବେ ଏହା ଫ୍ୟାଶନର ଏକ ନୂଆ ଟ୍ରେଣ୍ଡ; ଯାହାକୁ ପ୍ରାୟ ସବୁ ଝିଅ ପସନ୍ଦ କରୁଛନ୍ତି...**

* **ଗୋଲ୍ଡେନ୍ ପର୍ଲ ପରାନ୍ଦା:** ଏହି ଟାଇପ୍‌ର ପରାନ୍ଦା ନାଲି ରଙ୍ଗର ଆଉଟ୍‌ଫିଟ୍ ସହିତ ବେଶ୍ ଭଲ ମାନିଥାଏ। ବାହାଘର ହେଉ ଅବା ଅନ୍ୟ କୌଣସି ଘରୋଇ ଅକେଜନ୍, ଯଦି ଆପଣ ନାଲି ରଙ୍ଗର କୌଣସି ଏଥ୍‌ନିକ୍ ଆଉଟ୍‌ଫିଟ୍ ପିନ୍ଧୁଥାନ୍ତି, ତା'ହେଲେ ଆପଣଙ୍କର ଲମ୍ବାଘନ କେଶକୁ ସଜାଇବା ପାଇଁ ଏହି ଟାଇପ୍‌ର ପରାନ୍ଦା ଏକ ବେଷ୍ଟ ଅପ୍ସନ ହୋଇପାରିବ।
* **ମିରର୍ ୱାର୍କ ପରାନ୍ଦା:** ମିରର୍ ୱାର୍କ ହୋଇଥିବା ଯେ କୌଣସି ଜିନିଷ ହେଉନା କାହିଁକି ତାହା ଦେଖିବାକୁ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ। ଯଦି ବାହାଘର ଭଳି ଅକେଜନ୍‌ରେ ଆପଣ ମିରର୍ ୱାର୍କ ହୋଇଥିବା କୌଣସି ଏଥ୍‌ନିକ୍ ଆଉଟ୍‌ଫିଟ୍ ପିନ୍ଧୁଥାନ୍ତି, ତା'ହେଲେ ତାକୁ ମ୍ୟାଚ୍ କରି ଏହି ଟାଇପ୍‌ର ପରାନ୍ଦା କେଶରେ ଲଗାଇଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିବ।
* **ହେୟାର୍ ଜୁଏଲେରୀ ପରାନ୍ଦା:** ବାହାଘର ହେଉ ଅବା ପୂଜାପର୍ବରେ ଯଦି ଆପଣଙ୍କର ଟିକେ ହେବି ଓ ଟ୍ରାଡିସ୍‌ନାଲ୍ ଲୁକ୍ ପସନ୍ଦ, ତା'ହେଲେ ଆପଣ ଚାହିଁଲେ ଆପଣଙ୍କ କେଶରେ ଏହି ଟାଇପ୍‌ର ପରାନ୍ଦା ଟ୍ରାଏ କରିପାରିବେ। ଫଳରେ ଆପଣଙ୍କର ୱେଡିଂ ହେୟାର୍ ଷ୍ଟାଇଲ୍ ଦେଖିବାକୁ ବେଶ୍ ଆକର୍ଷକ ଲାଗିବ।
* **ପମ୍ ପମ୍ ପରାନ୍ଦା:** କଲର୍‌ଫୁଲ୍ ପମ୍‌ପମ୍‌ର ଟ୍ରେଣ୍ଡ ଏବେ ବେଶ୍ ଚାଲିଥିବାର ନଜିର ରହିଛି। ଯଦି ଆପଣ ବି ଏହି ଟ୍ରେଣ୍ଡକୁ ଆପଣାଇବାକୁ ଚାହୁଁଛନ୍ତି, ତା'ହେଲେ ବାହାଘର ହେଉ ଅବା ଜନ୍ମଦିନ ପାର୍ଟିରେ ଆପଣ ଚାହିଁଲେ ପମ୍ ପମ୍ ଲାଗିଥିବା ପରାନ୍ଦାକୁ ନିଜ କେଶରେ ସଜାଇ ଗର୍ଜିୟସ୍ ଲୁକ୍ ପାଇପାରିବେ।
* **ସି ସେଲ୍ସ ପରାନ୍ଦା:** ସମୁଦ୍ର ସାମୁକା ଯେଉଁମାନଙ୍କ ପସନ୍ଦ ସେମାନଙ୍କ ପାଇଁ ସି ସେଲ୍ସ ପରାନ୍ଦା ଏକ ବେଷ୍ଟ ଅପ୍ସନ ହୋଇପାରେ। କାରଣ ସି ସେଲ୍ସରେ ତିଆରି ପରାନ୍ଦା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ ଏହାକୁ କେଶରେ ବାନ୍ଧିଲେ ବି ସେମିତି ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ। ମୁଖ୍ୟତଃ ଧଳା ରଙ୍ଗର ସାମୁକାକୁ ଗୋଲ୍ଡେନ୍ କଲର୍‌ର ସୂତାରେ ବାନ୍ଧି ତିଆରି କରାଯାଇଥିବା ପରାନ୍ଦା ଅଧିକ ଆକର୍ଷଣୀୟ ଲାଗିଥାଏ।
* **କ୍ଲାସିକ୍ ଟଚ୍:** ଯଦି ଆପଣ ବାହାଘର ଭଳି ଅକେଜନ୍‌ରେ ନିଜ ମେକ୍‌ଅପ୍‌କୁ କ୍ଲାସିକାଲ୍ ଟଚ୍ ଦେବାକୁ ଚାହୁଁଥାନ୍ତି, ତା'ହେଲେ ଫୁଲ ଓ କିଛିଟା ଆର୍ଟିଫିସିଆଲ୍ ଜୁଏଲେରୀକୁ ନେଇ ତିଆରି କରାଯାଇଥିବା ପରାନ୍ଦାକୁ ନିଜ କେଶରେ ଲଗାଇ କ୍ଲାସିକ୍ ଲୁକ୍ ପାଇପାରିବେ। ଯଦି ଆପଣଙ୍କର କେଶ ଲମ୍ବା ଓ ଘନ ହୋଇଥାଏ ତା'ହେଲେ ତ ଏହା ଆହୁରି ସୁନ୍ଦର ଦେଖାଯାଇଥାଏ।






# ସ୍ଥପତି ଉଦୟ





ପିଲାବେଳୁ ବାପାଙ୍କୁ ଦେଖି ଦେଖି ଶିଖିଥିବା କାରୁକାର୍ଯ୍ୟ ଏବେ ତାଙ୍କୁ କେବଳ ରୋଜଗାର ଦେଇନାହିଁ, ତା'ସହିତ ପରିଚୟ ବି ଦେଇଛି...

ଶିଳ୍ପୀଙ୍କ ଯାଦୁକରି ହାତର ସ୍ପର୍ଶରେ ନିର୍ଜୀବ ପଥର ଦେହରେ ବି ସଂଚାରିତ ହୁଏ ପ୍ରାଣ। ମୁଗୁର, ନିହାଣ ମୁନରେ ପଥର କିମ୍ବା କାଠ ଖୋଦେଇରେ ଶିଳ୍ପୀ ଗଢ଼ିଥାଏ ସୁନ୍ଦର ସୁନ୍ଦର ମୂର୍ତ୍ତି। ଏମିତି କଳାକୃତିଗୁଡ଼ିକୁ ଦେଖିଲେ ସତେଜ ଓ ଜୀବନ୍ତ ପରି ମନେହୁଏ। କେବଳ ପଥର ଖୋଦେଇ ନୁହେଁ ବରଂ ବାଉଁଶ, କାଠ, ସିମେଣ୍ଟ, କନାରେ ମଧ୍ୟ ମୂର୍ତ୍ତି ତିଆରି କରି ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି ଜଣେ ସ୍ଥପତି। ଏଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ଶିଳ୍ପୀ **ଉଦୟ ମହାନ୍ତି**। ପିତା ଯୋଗେନ୍ଦ୍ର ମହାନ୍ତି, ମା' ସାରଦାମଣି ଦେଈ। ଘର ବାଲେଶ୍ୱର ଜିଲାର ସୋର ଅନ୍ତର୍ଗତ ପାଗଡ଼ାଶୋଳା ଗ୍ରାମରେ। ସେ କୁହନ୍ତି, ଆମ ବଂଶର ପରମ୍ପରା ଭାବେ ପୂର୍ବରୁ ଜେଜେବାପାଙ୍କ ସମୟରୁ ବିଭିନ୍ନ ପଥର ଓ କାଠ ଖୋଦେଇ ଆଦି ହସ୍ତଶିଳ୍ପ କାମକୁ ପରିବାରର ସଦସ୍ୟମାନେ କରୁଥିଲେ। ସେତେବେଳେ ବାପା ଅନେକ ସ୍ଥାନକୁ ଯାଇ ବିଭିନ୍ନ ପଥର ଓ କାଠରେ କାରୁକାର୍ଯ୍ୟପୂର୍ଣ୍ଣ ଖୋଦେଇ କାମ କରୁଥିଲେ। ପିଲାଟିବେଳୁ ବାପାଙ୍କଠାରୁ ବିଭିନ୍ନ ଖୋଦେଇ କାମ ଶିଖିଥିଲି। ମାତ୍ର ସ୍କୁଲ ବୟସରୁ ଏହି କାମରେ ବେଶୀ ଆଗ୍ରହ ଥିବାରୁ ପାଠରେ ବିଶେଷ ମନ ଲାଗି ନ ଥିଲା। ସେଥିପାଇଁ ୧୦ମ ଯାଏଁ ହିଁ ପଢ଼ିଲି। ଏହା ବ୍ୟତୀତ ମୋର ଅଭିନୟ ପ୍ରତି ରୁଚି ଥିବାରୁ କିଛିବର୍ଷ ଜନତା ଗଣନାଟ୍ୟ, ରାଧାକୃଷ୍ଣ ଅପେରା, ସାଗରିକା ଗଣନାଟ୍ୟ, ସାତଶଙ୍ଖ ଅପେରାରେ ରହିଥିଲି। ଗାଁକୁ ଫେରିଲା ପରେ ମୋ ମାମୁ ବ୍ରଜକିଶୋର ଜେନା ହସ୍ତକଳା ଶିଳ୍ପ ପ୍ରତି ମୋତେ ଉତ୍ସାହିତ କରିଥିଲେ। ସମୟକ୍ରମେ ପଥର କାରୁକାର୍ଯ୍ୟ ପ୍ରତି ଆଗ୍ରହ ବଢିଲା। ବଉଳ ଗାଡ଼ିଆ ପଥର ଖୋଦେଇ ହସ୍ତଶିଳ୍ପ କେନ୍ଦ୍ରରେ ଟ୍ରେନିଂ ନେଇ କାମ ଆରମ୍ଭ କଲି। ଗୁରୁ ରାଜକିଶୋର ମହାରଣା, ହରି ମହାରଣା ଓ ଶ୍ରୀଧର ମହାରଣାଙ୍କଠାରୁ ତାଲିମ ନେଇଥିଲି। ୧୯୮୪ ମସିହାରୁ ପଥରରେ ଖୋଦେଇ କରି ବିଭିନ୍ନ ମୂର୍ତ୍ତି ତିଆରି କରିଆସୁଛି। ପ୍ରଥମେ ଖଡ଼ିପଥରରେ କଳାକୃତି ସବୁ ଗଢୁଥିଲି। ପରେ ପରେ ଶାଣ, ମୁଗୁନି ଓ ମାର୍ବଲ ପଥରରେ ବିଭିନ୍ନ ମାପ ଅନୁସାରେ ସୁନ୍ଦର ସୁନ୍ଦର ଶ୍ରୀଗଣେଶ, ହନୁମାନ, ବୁଦ୍ଧ, ରାଧାକୃଷ୍ଣ, ରାମ ଲକ୍ଷ୍ମଣ ସୀତା, ବିଭିନ୍ନ ଭଙ୍ଗୀର ସଖୀ ଏବଂ ନର୍ତ୍ତକୀ ଆଦି ଦେବଦେବୀଙ୍କ ମୂର୍ତ୍ତି ଗଢ଼ିଲି। ଏହାଛଡ଼ା କେତେକ ପାର୍କରେ ବିଭିନ୍ନ ଡେକୋରେଶନ ପାଇଁ ଭିନ୍ନ ଭିନ୍ନ ମଡେଲ ତିଆରି କରିଛି। ଓଡ଼ିଶା, ଦିଲ୍ଲୀ, ପଶ୍ଚିମବଙ୍ଗ ଆଦି ରାଜ୍ୟର ବିଭିନ୍ନ ହସ୍ତକଳା କର୍ମଶାଳାରେ ଯୋଗଦେଇଛି।

ମୋ ହାତ ତିଆରି ପଥରର କଳାକୃତି ନେବା ପାଇଁ ବିଶେଷକରି ପଶ୍ଚିମବଙ୍ଗରୁ ଅଧିକ ଗରାଖ ଆସିଥାନ୍ତି। ଏଥିପାଇଁ ସେମାନେ ଅଗ୍ରିମ କିଛି ଅର୍ଥ ଦେଇ ମୂର୍ତ୍ତି ଅର୍ଡର କରିଥାନ୍ତି। ଜାମୁଝଡ଼ି ଛକଠାରେ ମୋର ଏହି କର୍ମଶାଳା ରହିଛି। ଏଠାରେ ଏବେ ୫/୬ ଜଣ ଶିଳ୍ପୀ କାର୍ଯ୍ୟ କରୁଛନ୍ତି। ଏଠାରେ ବର୍ଷର ସବୁ ସମୟରେ ନାନା ପ୍ରକାର ମୂର୍ତ୍ତି ଗଢାଯାଏ। ମୂର୍ତ୍ତିର ଦାମ୍ ସେହି ମୂର୍ତ୍ତି ଗଠନର ଶୈଳୀ ଓ ସୂକ୍ଷ୍ମ କାରୁକାର୍ଯ୍ୟକୁ ନେଇ ନିର୍ଦ୍ଧାରଣ କରାଯାଇଥାଏ। ଆଜିଯାଏ ବିଭିନ୍ନ ପଥରରେ ପ୍ରାୟ ଶତାଧିକ ମୂର୍ତ୍ତି ଗଢ଼ି ସାରିଲିଣି। ଯେଉଁଥିପାଇଁ ମୋତେ ୨୦୧୮ରେ କଳାକୃତି ସମ୍ମାନ, ୨୦୨୦ରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ତରଫରୁ ପୁରସ୍କୃତ କରିବା ସହ ୨୦୨୨ରେ ହେରିଟେଜ୍ ସମ୍ମାନ, ୨୦୨୩ରେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ମିଳିଛି। ୨୦୧୭ ମସିହାଠାରୁ ମୁଁ ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଦାୟିତ୍ୱ ତୁଲାଉଛି। ବିଭିନ୍ନ ଅଞ୍ଚଳରେ ହସ୍ତକଳାକୃତି ବିକ୍ରି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ହାଟ ପାଇଁ ମୋର ଉଦ୍ୟମ ଜାରି ରହିଛି। ତେବେ ଯେତେଦିନ ଯାଏ ବଞ୍ଚିଥିବି ଓଡ଼ିଶାର ପାରମ୍ପରିକ ହସ୍ତକଳା ଶିଳ୍ପକୁ ଉଜ୍ଜୀବିତ ପାଇଁ କାର୍ଯ୍ୟ କରୁଥିବି। କାରଣ ଆଜି ମୋତେ ଏହି କଳା ହିଁ ପରିଚୟ ଦେଇଛି। **-ବନବିହାରୀ**







# ଅଦୃଶ୍ୟ

ହିନ୍ଦୀ-**କ୍ୟାପ୍‌ଟେନ୍ ଖୁର୍ରମଶହଜାଦ ନୂର**
ଅନୁବାଦ-**କନକ ମଂଜରୀ ସାହୁ**

ତା'ବ୍ୟାଗ ଜବରଦସ୍ତ ଛଡ଼େଇ, ତାକୁ ଶେଷରେ ଚଳନ୍ତାଟ୍ରେନରୁ ବାହାରକୁ ଧକ୍କା ଦେବାରେ ସଫଳ ହେଲି। ମୃତ୍ୟୁ ପୂର୍ବରୁ ମଣିଷର ଚିତ୍କାର ମୁଁ ପ୍ରଥମଥର ଶୁଣିଲି। ମୋ ପିଠିରେ ବି ସେ ମାରିଥିବା ଛୁରୀ ଭୁଷି ହୋଇଥିଲା, କିନ୍ତୁ ତାକୁ କାଢ଼ିବା ପୂର୍ବରୁ ସେଇ କଳାବ୍ୟାଗ କାଢ଼ି ଦେଖିଲି, ଯେଉଁଥିପାଇଁ ମୁଁ ତା'ଠାରୁ ବ୍ୟାଗ ଛଡେଇଥିଲି। ସେଇ ବ୍ୟାଗରେ ଝିଅ ନ ଥିଲା। ମୁଁ ମୋ କଷ୍ଟକୁ ଭୃକ୍ଷେପ ନ କରି ଟ୍ରେନର ଶୌଚାଳୟ ପାଖକୁ ଯାଇ ଟିକେ ଆରାମ କରିବି ଭାବିଲି, କୌଣସି ମତେ ଛୁରୀଟାକୁ ପିଠିରୁ କାଢ଼ି ପାରିଲି ନାହିଁ। ଘଣ୍ଟାକୁ ଚାହିଁଲି ରାତି ଦୁଇଟା ଦଶ ବାଜିଥିଲା। ମୋର ଦୁଇବର୍ଷର ଝିଅ ଏହି ଟ୍ରେନର ଏ.ସି. ଟୁ ଟାୟାର ଡ଼ବାରୁ କୁଆଡ଼େ ଅଦୃଶ୍ୟ ହୋଇଯିବାର ପ୍ରାୟ ପନ୍ଦର କୋଡ଼ିଏ ମିନିଟ୍ ହୋଇଥିବ।

ଯେବେ ମୋ ଝିଅ ଦୁଇମାସର ହୋଇଥିଲା ମୋ ପତ୍ନୀ ମୋ ହାତରେ ତାକୁ ଦେଇ ଏହି ସଂସାରରୁ ବିଦାୟ ନେଇଥିଲେ। ମୋ ଝିଅକୁ ମୁଁ ବାପାମା' ଦୁହିଁଙ୍କର ସ୍ନେହ ଦେଇ ପାଳୁଥିଲି। ମୋ ମା' ଏବଂ ପରିବାରର ସହଯୋଗ ଯୋଗୁ କୌଣସି ଅସୁବିଧା ହେଉନଥିଲା। ବିଶେଷଭାବେ ରେଳଯାତ୍ରା ସମୟରେ ଅସୁବିଧା ହେଉଥିଲା। ମୁଁ ତା'ର ସବୁ କାମ ଏକୁଟିଆ କରୁଥିଲି।

ଗୋଟିଏ ସପ୍ତାହ ପୂଜାଛୁଟିରେ ମୁଁ ଝିଅକୁ ସାଙ୍ଗରେ ନେଇ ଭଉଣୀ ଘରକୁ ଦିଲ୍ଲୀରୁ ସାଗର ଯାଇଥିଲି। ଏ.ସି. ଟୁ ଟାୟାର ଡ଼ବାରେ ସେମିତି କିଛି ଭିଡ଼ ବି ନ ଥିଲା। ଦଶ ବାର ଜଣ ଲୋକ ଥିଲେ। ଝିଅକୁ ସେରେଲାକ୍ ପିଆଇଦେଇ ମୁଁ ନିଜେ ଡ଼ିନର୍ ଖାଇ ନଅଟାବେଳକୁ ଲୋଟି ପଡ଼ିଲି। ଟି.ଟି. ଟିକେଟ ଦେଖି ଚାଲିଗଲା ପରେ ମୁଁ ବାକ୍ସକୁ ଚେନ ଲଗାଇ ଦେଇ ଲାଇଟ ଲିଭାଇ ଦେଲି ଏବଂ ଗାଢ଼ ନୀଳସିଲ୍କ ପରଦାକୁ ଟାଣି ବନ୍ଦ କରିଦେଲି। ଆପଣମାନଙ୍କୁ ଏକଥା ଶୁଣି ଆଶ୍ଚର୍ଯ୍ୟ ଲାଗିବ, ସବୁଠୁ ଭଲ ନିଦ ମୋତେ ଟ୍ରେନରେ ହୁଏ। ହୁଏତ ପିଲାଦିନେ ଝୁଲାରେ ଶୋଇବା ଅଭ୍ୟାସ ଯୋଗୁ ହୋଇଥିବ।

ମୋ ଦୁଇବର୍ଷର ଝିଅ ମୋ ସିଟ ପାଖରେ ଶୋଇଥିଲା। ସେ କୌଣସି ବିଷୟରେ ଯିଦି କରେନା, କିମ୍ବା କାନ୍ଦେନା। ମୁଁ ତା'ର ଡ଼ାଇପର୍ ଆଣିବାକୁ ଭୁଲିଯାଇଥିଲି। ତେଣୁ ରାତି ଦଶଟାରେ ତାକୁ ବାଥରୁମ ନେଇ ସୁସୁ କରାଇଦେଇ ତା'ପରେ ଶୁଆଇ ଦେଲି। ମୋବାଇଲରେ ରାତି ଦୁଇଟା ପାଇଁ ଆଲାରାମ୍ ଦେଇ ମୁଁ ଶୋଇଗଲି। ମୁଁ ଗଭୀର ନିଦରେ ସ୍ୱପ୍ନ ଦେଖୁଥିଲି, ଜଣେ ଦେଖିବାକୁ ଭୟଙ୍କର ସ୍ତ୍ରୀଲୋକ ମୋ ଝିଅକୁ ଉଠାଇ ନେଇ ଚାଲିଯାଉଛି। ସେ ନଖରେ ନାଲି ନେଲପଲିସ ଲଗାଇଥିଲା। ମୁଁ ପାଟି କରିବାକୁ ଚେଷ୍ଟା କଲି କିନ୍ତୁ ପାଟି ଖୋଲିପାରୁ ନ ଥିଲି, ମୋ ଗଳା ଶୁଖି ଯାଉଥିଲା। ସେତେବେଳେ ଆଲାରାମ୍ ବାଜି ଉଠିଲା, ମୋ ନିଦ ହଠାତ୍ ଭାଙ୍ଗିଗଲା। ହାତରେ ଅଣ୍ଡାଳି ଆଣିବାରୁ ଦେଖିଲି ଝିଅ ମୋ ପାଖରେ ନ ଥିଲା। କୁଆଡ଼େ ଅଦୃଶ୍ୟ ହେଇଯାଇଥିଲା। ମୋ ହୋସ ଉଡ଼ିଗଲା।

ମୁଁ ଲାଇଟ ଜଳାଇ ଦେଖିଲି କେହି କୁଆଡ଼େ ନ ଥିଲେ। ବାମପଟ ଦ୍ୱାର ଆମ ପାଖରେ ଥିଲା, ଯେଉଁପଟେ ପେଣ୍ଟ୍ରିକାର ଥିଲା। କିନ୍ତୁ ସଟର ପଡ଼ିଥିଲା। ଅନ୍ୟପଟ ବୁଲି ଦେଖିଲି, ଦୁଇ ଦ୍ୱାର ମଝି ସଟର୍ ଧୀରେ ଧୀରେ ବନ୍ଦ ହେଉଥିଲା। ମୁଁ ବିନା ଚପଲରେ ଧାଇଁଲି। ସମସ୍ତ କେବିନକୁ ପରଦା ଟେକି ଚାହିଁଲି। ନେଲପଲିସର ଗନ୍ଧ ମୋ ଡ୍ରେସରୁ ଆସୁଥିଲା, ମୁଣ୍ଡ ବିନ୍ଧୁଥିଲା। ଦୁଇପଟ ଦ୍ୱାର ବନ୍ଦ ଥିଲା। ମୁଁ ଦୁଇଟିଯାକ ବାଥରୁମ ଦେଖିଲି। ମୁଁ କନେକ୍ଟର ପାର ହୋଇ ଯେମିତି ପାଖ ଡ଼ବାକୁ ଗଲି, ଦେଖିଲି ଡ଼ାହାଣ ପଟ ଦ୍ୱାର ପାଖରେ ଜଣେ ମହିଳା ସାଲୁଆର କମିଜ ପିନ୍ଧି ଛିଡ଼ା ହୋଇଥିଲା। ଦ୍ୱାର ଖୋଲାଥିଲା ଏବଂ ତାଙ୍କ କାନ୍ଧ ଉପରେ ଏକ ବଡ଼ କଳାବ୍ୟାଗ ଥିଲା।

ମୁଁ ପଚାରିଲି, 'ଶୁଣନ୍ତୁ! ଆପଣ ଏକ ଛୋଟଛୁଆକୁ କିଏ ନେଇଯିବାର ଦେଖିଛନ୍ତି କି?'

ସେ ତାଳି ବଜାଇ କହିଲା, 'ହାୟ! ମୁଁ ତ ଏବେବି ଛୁଆ..ତୁ କୋଉ ଛୁଆ କଥା ପଚାରୁଛୁ?'

ତା' କଥାରୁ ଜାଣିଗଲି ସେ ହିଞ୍ଜଡ଼ାଟିଏ। ମୋତେ ବହୁତ ରାଗ ଲାଗିଲା, କାହାର ଅସୁବିଧା ବେଳେ କିଏ ଏମିତି ଥଟ୍ଟା କରେ? ବୁଲିପଡ଼ି ଚାଲି ଆସିବାବେଳକୁ ଦେଖିଲି, ତା' ବ୍ୟାଗରୁ ଟପ୍‌ଟପ୍ ପାଣି ପଡୁଛି। ସେ ନଖରେ ଲାଲ ରଙ୍ଗର ନେଲପଲିସ୍ ଲଗାଇଥିଲା। ଟ୍ରେନ ଧିମା ହୋଇ ଚାଲିଥିଲା। ମୁଁ ହଠାତ୍ ତା' ହାତରୁ ବ୍ୟାଗଟା ଛଡ଼େଇବାକୁ ଚେଷ୍ଟା କଲି। ତା'ପରେ ସେ ମୋ ପିଠିରେ ଛୁରୀ ଭୁଷିଦେଲା। ତାକୁ ଠେଲି ଦେଲା ପରେ ବ୍ୟାଗ ଖୋଲି ଦେଖିଲି, ମୋ ଝିଅ ବୟସର ପୁଅଟିଏ ବେହୋସ ହୋଇ ପଡ଼ିଥିଲା।

ବ୍ୟାଗଟିକୁ ସାଇଡ଼ରେ ରଖି ଯେମିତି ଛିଡ଼ା ହେଲି, ମୋତେ ପାଖ ଶୌଚାଳୟ ଖୋଲା ହେବା ଶବ୍ଦ ଶୁଣାଗଲା। ମୁଁ ବୁଲିପଡ଼ି ଚାହିଁଲି ଆଉ ଜଣେ ହିଞ୍ଜଡ଼ା ମୋ ଝିଅକୁ ଧରି ବାହାରକୁ ଚାଲି ଯାଉଥିଲା। ମୁଁ ହାତ ବୁଲାଇ ଶକ୍ତିର ସହ ପିଠିର ଛୁରୀଟାକୁ ଟାଣି ଆଣିଲି। ଛୁରୀ ଦେଖିବା ମାତ୍ରେ ସେ ମୋ ଝିଅକୁ ମୋତେ ଫେରାଇଦେଲା। ମୁଁ ତାକୁ କିକ୍ ମାରିବାକୁ ଚାହିଁଲି କିନ୍ତୁ ମୋ ମୁଣ୍ଡ ବୁଲାଇ ଦେଉଥିଲା। ତା'ପରେ ସେ ଡ଼ବା ଭିତରେ କୁଆଡ଼େ ଅଦୃଶ୍ୟ ହୋଇଗଲା। ହୁଏତ ମୋ ପିଠିରୁ ରକ୍ତବୁନ୍ଦା ବ୍ୟାଗ ଉପରେ ପଡୁଥିଲା। ମୁଁ ବୁଲିପଡ଼ି ଦେଖିଲି ଜଣେ ସ୍ତ୍ରୀଲୋକ ବ୍ୟାଗରୁ ପିଲାଟାକୁ ବାହାର କରି ପାଟିକରି କାନ୍ଦୁଥିଲା ଏବଂ ତା' ଉପରେ ପଡୁଥିବା ରକ୍ତକୁ ପୋଛୁଥିଲା।

ରାତି ଅଢେଇଟା ବାଜିଥିଲା। ଗାଡ଼ି ଧିମା ହେଉଥିଲା। ପରବର୍ତ୍ତୀ ଷ୍ଟେସନ ଗୋୟାଲିୟର ଥିଲା। ସମସ୍ତେ ଆମ ସେବାରେ ଲାଗିଥିଲେ ଏବଂ ମୋ ଝିଅ ବେହୋସ ହୋଇ ମୋ କୋଳରେ ଥିଲା। ତାକୁ ହୋସରେ ଆଣିବାକୁ ଏବଂ ନିଜେ ଯେମିତି ବେହୋସ ନ ହୋଇଯାଏ ଚେଷ୍ଟା କରୁଥିଲି।

ଗୋଟିଏ କଥା ସ୍ଥିର ହେଲା, ଆଜିଠାରୁ ସବୁଠାରୁ ଭଲ ନିଦ ଟ୍ରେନରେ କେବେ ବି ଆଉ ହେବନି।

-ଶ୍ରାବଣୀ ରେସିଡ଼େନ୍ସୀ, ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୯୪୩୯୭୫୦୩୭୮

# ତ୍ରିଶଙ୍କୁ ଚିତ୍ରକାର

- ପ୍ରଦୀପ୍ତ କୁମାର ବେହୁରା

ଚିତ୍ରକାରର ମଗଜରେ ନ ଥିଲା
ଲମ୍ବା ବିରତି ପରେ
ଯେବେ ସେ ଗାଁକୁ ଫେରିବ
ତା' ନିଜ ଚିତ୍ର
ଲୋକଙ୍କୁ ବିଚିତ୍ର ଲାଗିବ ।।

ତା' ପରଶ୍ରୀକାତରତା
ବିଶ୍ୱାସଘାତକତା
ଅହଂକାର
କୁଟିଳ କାରବାର
ମଣିଷଙ୍କ ସାମ୍ନାରେ ତାକୁ
ଅମଣିଷ କରି ଠିଆ କରାଇଦେବ ।।

ସେ ଏବେ କାନ୍ଦିବାକୁ ଚାହୁଁଥିଲା
କାନ୍ଦିପାରୁ ନ ଥିଲା
ଗାଁ ଛାଡ଼ିବାକୁ ଚାହୁଁଥିଲା
ଛାଡିପାରୁ ନ ଥିଲା
ଅନୁତପ୍ତର ତପ୍ତ ନିଆଁରେ
ଦଗ୍ଧ ହେଉଥିଲା ।।

ନା ଗପ ଲେଖିବାକୁ ପ୍ଲଟ୍ ପାଉଥିଲା
ନା ଚିତ୍ର କରିବାକୁ ଯୁ' ଥିଲା,
ଅତୀତ କ୍ଷତବିକ୍ଷତ କରୁଥିଲା
ଭବିଷ୍ୟତ ଡରାଉଥିଲା।
ତ୍ରିଶଙ୍କୁ ଚିତ୍ରକାର
ଖାଲି ଯାହା
ପାଗଳଙ୍କ ପରି
ପ୍ରଳାପ କରୁଥିଲା ।।

....................................

-ବି.ଏଲ୍-୮, ଭି.ଏସ୍.ଏସ୍ ନଗର
ଭୁବନେଶ୍ୱର-୭୫୧୦୧୦
ମୋ: ୯୯୩୭୪୭୬୧୭୩



# ଚାହିଁ ଥିବି ତୋତେ ହଜାରେ ବରଷ


ଶୁଭମ୍‌-ସୁଶ୍ରୀ


ଏହି ଫିଲ୍ମଟିର ଟାଇଟଲରୁ ଜଣାପଡୁଛି ଯେ ଏହାର କାହାଣୀ ପ୍ରେମ ଉପରେ ଆଧାରିତ। ନିଜ ପ୍ରେମ ମିଶନକୁ ସଫଳ କରିବା ଲାଗି ପ୍ରେମୀ ଯୁଗଳଙ୍କୁ ଅପେକ୍ଷା କରିବାକୁ ପଡିଥାଏ। ହେଲେ ଜଣେ ପ୍ରେମିକ କାହିଁକି ହଜାରେ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ରାଜି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏହାର ଟାଇଟଲ ରହିଛି 'ଚାହିଁ ଥିବି ତତେ ହଜାରେ ବରଷ'। ଓ୍ୱି ଆଇକନ୍ସ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଭାରତୀ ନାୟକ। ମନୋଜ ନାୟକଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ଦେବପ୍ରିୟ ସେନାନାୟକ। ସଂଳାପ ଲେଖିଛନ୍ତି ମନୋରଞ୍ଜନ ଦାସ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ସୌମିତ୍ରୀ। ଏହାର ନାୟକ ସାଜିଛନ୍ତି ଶୁଭମ ନାୟକ। ଏହାପୂର୍ବରୁ ସେ 'ପ୍ରେମର ନିଶା ନିଆରା ନିଆରା'ରେ ଅଭିନୟ କରିସାରିଛନ୍ତି। ଏଥିରେ 'ରଙ୍ଗ ବରଷିଲା ଟୁପୁରୁ ଟୁପୁରୁ'ର ନାୟିକା ସୁଶ୍ରୀ ରଥ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ସ୍ୱର୍ଗତ ମିହିର ଦାସ, ରତନ ମେହେର, କାଳିଚରଣ, ଜୋଗେଶ ଜୋଜୋ, କେଦାର ପଟେଲ, ଝାନସୀ ରାଣୀ ଦାସ ଏବଂ ମୁନିଆ ପାଣିଗ୍ରାହୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏକ ତ୍ରିକୋଣୀୟ ଟିନ୍‌-ଏଜ୍ ଲଭ ଷ୍ଟୋରି'କୁ ନେଇ ନିର୍ମିତ ଏହି ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଭାବୁଛନ୍ତି ଉର୍ବଶୀ


ଉର୍ବଶୀ

ଉର୍ବଶୀ ରୌଟେଲା ଗୋଟିଏ କଥାକୁ ନେଇ ଚିନ୍ତା କରୁଛନ୍ତି। କେବଳ ଭାବିଲେ ତ ହେବ ନାହିଁ, ସେପରି ସୁଯୋଗ ମିଳିବା ଦରକାର। କଥା କ'ଣ କି ଉର୍ବଶୀ ଏବେ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ଏଭଳି ଭୂମିକା ପାଇଁ ପ୍ରଯୋଜକ ତାଙ୍କୁ ସୁଯୋଗ ଦେବା ହେଉଛି ବଡ କଥା। ନିଜର ଏଭଳି ଆଭିମୁଖ୍ୟ ବିଷୟରେ ଉର୍ବଶୀ କହନ୍ତି, ' ଇତି ମଧ୍ୟରେ ମୁଁ କେତୋଟି ଆକ୍ସନଭିତ୍ତିକ ଫିଲ୍ମ ଦେଖିଛି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ମୋ ପାଖରେ ଅଛି। ତାହାକୁ ନେଇ ଯଦି କୌଣସି ପ୍ରଯୋଜକ ଫିଲ୍ମ ନିର୍ମାଣ କରିବାକୁ ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ଉର୍ବଶୀଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେତେ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସମୟାନୁବର୍ତ୍ତୀ ଆମୀର



ବଲିଉଡରେ ଆମୀର ଖାଁଙ୍କୁ 'ମିଷ୍ଟର ପରଫେକ୍ଟନିଷ୍ଟ' ଭାବରେ ସମ୍ବୋଧନ କରାଯାଇଥାଏ। କାରଣ ଶୁଟିଂ ସେଟ୍‌ରେ ସେ ସବୁବେଳେ ଠିକ୍ ସମୟରେ ପହଞ୍ଚି ଯାଇଥାଆନ୍ତି। ୧୯୯୪ ମସିହା କଥା। ସେତେବେଳେ ସେ ସଲମାନ ଖାଁଙ୍କ ସହ 'ଅନ୍ଦାଜ ଅପନା ଅପନା' ଫିଲ୍ମରେ ଆକ୍ଟିଂ କରୁଥାଆନ୍ତି। ସେହି ସମୟରେ ଶୁଟିଂ ସେଟ୍‌କୁ ସଲମାନ ପ୍ରାୟ ବିଳମ୍ବରେ ଆସୁଥିଲେ। ଏହାଦେଖି ଏକଥା ଆମୀର ଏକଥା ନେଇ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାରଣ ସଲମାନଙ୍କ ପାଇଁ ଆମୀରଙ୍କୁ ଶଟ୍ ଦେବାକୁ ଅପେକ୍ଷା କରିବାକୁ ପଡୁଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କର ଚିନ୍ତାଧାରାକୁ ବୁଝିପାରିଥିଲେ ସଲମାନ। ଏବେ ଦୁହିଁଙ୍କ ଭିତରେ ଉତ୍ତମ ବନ୍ଧୁତା ରହିଛି। ନିଜ ଆକ୍ଟିଂ କ୍ୟାରିୟରର ଆଉ ଏକ କଥାକୁ ସବୁବେଳେ ମନେ ପକାନ୍ତି ଏହି ଅଭିନେତା। ଯେତେବେଳେ 'ପିକେ'ର ଶୁଟିଂ ଚାଲିଥିଲା ସେତେବେଳେ ସେ ଅଭିନୟ କରୁଥିବା ଚରିତ୍ରଟିକୁ ସବୁବେଳେ ପାନ ଖାଇବାକୁ ପଡୁଥିଲା। ତେଣୁ ପାନ ଚୋବାଇବା ଶୈଳୀକୁ ପରଫେକ୍ଟ କରିବା ଲାଗି ସେତେବେଳେ ସେ ଦିନକୁ ପ୍ରାୟ ୧୦୦ଟି ପାନ ଖାଉଥିଲେ। ଏପରି କି ଏଥିଲାଗି ଶୁଟିଂ ସେଟ୍‌ରେ ଏକ ସ୍ପେଶାଲ ପାନ ଦୋକାନ ଖୋଲାଯାଇଥିଲା।

# ଶେଷରେ ମାନ ଭାଙ୍ଗିଲା

ଏତେଦିନ ଧରି ଚାଲିଥିବା ଆଲୋଚନାର ଶେଷରେ ଫଳ ମିଳିଛି। ଅସଲ କଥା ହେଲା ପୂଜା ହେଗଡେଙ୍କୁ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାଇନ୍ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ବୋଲ୍ଡ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ବିଷଦ ଭାବରେ ଆଲୋଚନା ହେବା ପରେ ଏହି ଘଟଣାର ଶେଷ ଘଟିଛି। ଏ ସମ୍ପର୍କରେ ପୂଜା କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ତା'ସହ ମୋତେ ମାତ୍ର ଦୁଇଟି ବୋଲ୍ଡ ଶଟ୍ ଦେବାକୁ ପଡିବ, ଯାହାର କାହାଣୀ ସହ ସମ୍ପର୍କ ରହିଛି। ଏ ନେଇ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ମୋ ମନରେ ଉଙ୍କି ମାରିଥିବା ସନ୍ଦେହ ଦୂର ହୋଇଥିଲା। ବର୍ତ୍ତମାନ ଆମ ଭିତରେ କୌଣସି ମନୋମାଳିନ୍ୟ ନାହିଁ।' ସୂଚନାଯୋଗ୍ୟ ପୂଜାଙ୍କ ଅଭିନୀତ 'କିସି କା ଭାଇ କିସି କା ଜାନ୍' ଚଳିତ ବର୍ଷ ଇଦ୍ ଅର୍ଥାତ୍ ଏପ୍ରିଲ ୨୧ରେ ମୁକ୍ତିଲାଭ କରିବାକୁ ଯାଉଛି। ଫରହଦ୍ ସାମଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପୂଜାଙ୍କ ବ୍ୟତୀତ ସଲମାନ ଖାଁ ଏବଂ ଭେଙ୍କଟେଶଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ଭୂମି


ପୂଜା

# କାହାଣୀ ଶୁଣିବା ପରେ...

ଭୂମି ପେଦେନକରଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ନିକଟରେ ସେ ଏକ ନୂଆ ପ୍ରୋଜେକ୍ଟର କାହାଣୀ ଶୁଣୁଥିଲେ। କିଛି ସମୟ ନୀରବ ହୋଇ ଶୁଣିବା ପରେ ତାଙ୍କ ମୁହଁରେ ଗମ୍ଭୀରତାର ଛାପ ଦେଖିବାକୁ ମିଳିଥିଲା। ତାହାର କିଛି ସମୟ ପରେ ତାଙ୍କର ଆଖିରେ ଲୁହ ଆସିଯାଇଥିଲା। ଏହା ଦେଖି ନୂଆ ପ୍ରଯୋଜକ ଏବଂ ନିର୍ଦ୍ଦେଶକଦ୍ୱୟ କିଛି ବୁଝି ପାରି ନଥିଲେ। ପରେ ଜାଣିଲେ ଯେ କାହାଣୀର ଡ୍ରାମା ସିକୁଏନ୍ସ ଭୂମିକାଙ୍କୁ ଇମୋଶନାଲ କରିଦେଇଛି। ଏ ନେଇ ଭୂମି କହନ୍ତି, 'ଏହି କାହାଣୀ ଏକ ଗରିବ ପରିବାର ଉପରେ ଆଧାରିତ। ଜଣେ ଅର୍ଦ୍ଧଶିକ୍ଷିତ ଯୁବତୀ କିପରି ସମାଜରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛି ଏବଂ ଏଥିଲାଗି ସେ କେମିତି ବିଭିନ୍ନ ବାଧାବିଘ୍ନକୁ ସାହସର ସହ ମୁକାବିଲା କରୁଛି ତାହା ଏଥିରେ ନିହିତ ଅଛି। ମୁଁ ଯେତେବେଳେ କାହାଣୀର ପ୍ରାୟ ୪୦ ପ୍ରତିଶତ ଶୁଣିସାରିଲି ସେତେବେଳେ ଆଉ ନିଜକୁ ନିୟନ୍ତ୍ରଣରେ ରଖିପାରି ନ ଥିଲି। ମୋ ଆଖିଦ୍ୱୟ ଛଳଛଳ ହୋଇଯାଇଥିଲା। ନିଜକୁ ନର୍ମାଲ ଅବସ୍ଥାକୁ ଆଣିବାକୁ ମୋତେ ପ୍ରାୟ ଅଧ ଘଣ୍ଟାଏ ଲାଗିଥିଲା।' ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଭୂମିଙ୍କ ବ୍ୟତୀତ ଅନ୍ୟାନ୍ୟ କାଷ୍ଟିଂ ଫାଇନାଲ ହୋଇନାହିଁ।

## ପ୍ରଥମ ରୋଜଗାର



ପ୍ରଫେଶନାଲ୍ ମେକ୍‌ଅପ୍ ଆର୍ଟିଷ୍ଟ ତଥା ଫ୍ୟାଶନ ଡିଜାଇନର୍ ସୋନାଲି ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମାରେ ୱାଶିଂ ମେସିନ୍ କିଣିଥିଲି

କଟକ ଚୌଦ୍ୱାର ମୋ ଜନ୍ମସ୍ଥାନ ହୋଇଥିଲେ ହେଁ, ବାପା ଯେହେତୁ ଜଣେ ପୋଲିସ୍ ଅଫିସର୍ ଥିଲେ ତେଣୁ ମୋର ପାଠପଢା ବିଭିନ୍ନ ସ୍ଥାନରେ ହୋଇଥିଲା । ମୁଖ୍ୟତଃ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍କୁଲ୍‌ରୁ ସ୍କୁଲ୍ ପଢା ସାରି ସୁନ୍ଦରଗଡ଼ କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଜ୍ଞାନ ପଢିଥିଲି । ତା'ପରେ ଏଚ୍‌ଆର୍ ମାର୍କେଟିଂରେ ଏମ୍‌ବିଏ କରି ସ୍କାନ୍ ଷ୍ଟିଲ୍ କମ୍ପାନୀରେ ଏଚ୍‌ଆର୍ ଭାବେ ନିଯୁକ୍ତି ପାଇଲି । ଏହା ଥିଲା ୨୦୧୦ ମସିହାର କଥା । ସେତେବେଳେ ୧୫ ହଜାର ଟଙ୍କା ଦରମା ମିଳୁଥିଲା । ପ୍ରଥମ ଦରମାରେ ଘର ପାଇଁ ଏକ ଅଟୋମେଟିକ୍ ୱାଶିଂ ମେସିନ୍ କିଣିଥିଲି । କାରଣ ଆମ ଘରେ ଏକ ସେମି-ଅଟୋମେଟିକ୍ ୱାଶିଂ ମେସିନ୍ ଥିଲା, ଯାହା ମା'ଙ୍କୁ ଆଦୌ ପସନ୍ଦ ନଥିଲା । ତାକୁ ନେଇ ସେ ବହୁତ ହଇରାଣ ବି ହେଉଥିଲେ । ତେଣୁ ମା'ଙ୍କୁ ସରପ୍ରାଇଜ୍ ଦେବାପାଇଁ କାହାକୁ କିଛି ନଜଣାଇ ଦୋକାନୀଙ୍କ ସହ କଥା ହୋଇ ୱାଶିଂ ମେସିନ୍‌କୁ ଘରକୁ ଡେଲିଭରି ପାଇଁ ପଠାଇ ଦେଲି । ସେ ବାବଦେ ପ୍ରଥମ ମାସର ଦରମା ସମ୍ପୂର୍ଣ୍ଣ ସରିଗଲା । ଆହୁରି ବି କିଛି ଟଙ୍କା ଇଏମ୍‌ଆଇରେ ଦେବାକୁ ପଡିଲା, ଯାହାକୁ ମୁଁ ତା'ପରମାସ ଦରମାରେ ସୁଝି ଦେଇଥିଲି । ତେବେ ସେ ଯାହା ହେଉ ମା'ଙ୍କର ଖୁସି ଦେଖି ମୋତେ ବି ବେଶ୍ ଖୁସି ଲାଗିଥିଲା । ପ୍ରାୟ ୬ମାସ ସ୍କାନ୍ ଷ୍ଟିଲ୍‌ରେ କାମ କରିବା ପରେ ତାକୁ ଛାଡ଼ି ଭିପୁଲ୍ ଲିମିଟେଡ୍‌ରେ ଏଚ୍‌ଆର୍ ଭାବେ କାମ କରିବାକୁ ଲାଗିଲି । ସେତେବେଳକୁ ମୋର ବାହାଘର ସରିଯାଇଥାଏ । ଯେହେତୁ ମୋ ସ୍ୱାମୀ ମର୍ଚ୍ଚାଣ୍ଟ ନାଭିରେ କାମ କରୁଥାନ୍ତି ; ତେଣୁ ତାଙ୍କ ପାଖକୁ ଯିବାକୁ ହେଲେ ମୋତେ ବାରମ୍ବାର ଅଫିସ୍‌ରୁ ଛୁଟି ନେବାକୁ ପଡୁଥାଏ । ଧୀରେ ଧୀରେ ଏଥିପାଇଁ ଅଫିସ୍‌ରେ ସମସ୍ୟା ଉପୁଜିବାରୁ ବାଧ୍ୟ ହୋଇ ସେ ଚାକିରି ବି ଛାଡିଦେଲି ଆଉ ସ୍ୱାମୀଙ୍କ ପାଖକୁ ଚାଲିଗଲି । କିଛିଦିନ ପରେ ପୁଣି ଶାଶୁଘରକୁ ଫେରିଆସିଲି, କାରଣ ମୁଁ ସେତେବେଳକୁ ଗର୍ଭବତୀ ଥିଲି । ଝିଅ ଜନ୍ମ ହେବାର ଆଠ ମାସ ପରେ ପୁଣି ମୋ ଭିତରେ ସ୍ୱାବଲମ୍ବୀ ହେବାର ଜିଦ୍ ଆସିଲା । କିନ୍ତୁ କାହା ଅଧିନରେ ନୁହେଁ ବରଂ ନିଜ ଗୋଡ଼ରେ ନିଜେ କିପରି ଠିଆ ହୋଇପାରିବି ସେହି ଚେଷ୍ଟାରେ ରହିଲି । ଯେହେତୁ ମୋର ଭଲ ପିନ୍ଧିବା ଆଉ ସଜେଇ ହେବାର ସଉକ ଥିଲା । ତେଣୁ ସେ କ୍ଷେତ୍ରରେ କ୍ୟାରିୟର୍ କରିବାକୁ ଚିନ୍ତା କରି ବେଙ୍ଗାଲୁରୁ ଗଲି ଆଉ ସେଠାରେ ମେକ୍‌ଅପ୍ ଉପରେ ୪ ମାସର ଏକ କୋର୍ସ କଲି । ଏଠାରେ କହି ରଖିବାକୁ ଚାହେଁ ଯେ, ମେକ୍‌ଅପ୍ ମାନେ ପାର୍ଲର କୋର୍ସ ନୁହେଁ ବରଂ ଜଣେ ପ୍ରଫେଶନାଲ୍ ମେକ୍‌ଅପ୍ ଆର୍ଟିଷ୍ଟ ଭାବେ ମୁଁ ସେଠାରେ ଟ୍ରେନିଂ ନେଉଥିଲି । ଆଉ ଟ୍ରେନିଂ ନେବା ସମୟରେ ଯାହାବି ଶିଖୁଥିଲି ସେ ସବୁକୁ 'ଗ୍ଲାମ୍ ଅପ୍ ବାଏ ସୋନାଲି' ନାଁରେ ନିଜର ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଖୋଲି ସେଥିରେ ସେୟାର୍ କରିଦେଉଥିଲି । ଯଦ୍ୱାରା ମୋର ବେଶ୍ କେତେଜଣ ଫଲୋଅର୍ ହୋଇଯାଇଥିଲେ ; ତନ୍ମଧ୍ୟରୁ କିଛି ଫଲୋଅର୍ ଓଡ଼ିଶାର ବି ଥିଲେ । ଫଳରେ ମୁଁ ଯେତେବେଳେ ଟ୍ରେନିଂ ସାରି ଓଡ଼ିଶା ଫେରିଥିଲି, ଦେଢମାସ ପରେ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ମୋତେ ଏକ ପ୍ରି-ୱେଡିଂ ଶୁଟ୍ ପାଇଁ ମେକ୍‌ଅପ୍ ଦେବାର ଅଫର୍ ମିଳିଥିଲା । ସକାଳ ୧୦ଟା ରୁ ସନ୍ଧ୍ୟା ୫ ଯାଏଁ ଶୁଟ୍ ଚାଲିଲା । ଦିନଯାକର ପରିଶ୍ରମ ପରେ ୧୫ ଶହ ଟଙ୍କା ପାରିଶ୍ରମିକ ପାଇଥିଲି । ଏଚ୍‌ଆର୍ ଚାକିରିର ୧୫ ହଜାର ଟଙ୍କା ଆଉ ମେକ୍‌ଅପ୍ ଆର୍ଟିଷ୍ଟ ଭାବେ ପାଇଥିବା ୧୫ ଶହ ଟଙ୍କା ଭିତରେ ଆକାଶ ପାତାଳର ଫରକ ଥିଲା ସତ ; କିନ୍ତୁ ଏହି ୧୫ ଶହ ଟଙ୍କା ମୋତେ ବହୁତ ଆତ୍ମଶାନ୍ତି ଦେଇଥିଲା । କାରଣ ଏଥିରେ ମୋର ଉତ୍ସାହ ଆଉ ଅକ୍ଲାନ୍ତ ପରିଶ୍ରମ ମିଶି ରହିଥିଲା । ସେଥିପାଇଁ ଏହି ଟଙ୍କାରେ ଶାଶୁଘର ଓ ବାପଘରର ସମସ୍ତଙ୍କ ପାଇଁ ସ୍ୱଳ୍ପ ଦାମ୍‌ର କିଛି ନା କିଛି ଗିଫ୍ଟ କିଣି ନେଇଯାଇଥିଲି । ସମସ୍ତେ ବହୁତ ଖୁସି ହୋଇଥିଲେ । ଆଉ ସେମାନଙ୍କର ଆଶୀର୍ବାଦ ଯୋଗୁ ଏବେ ମୁଁ ଜଣେ ସଫଳ ମେକ୍‌ଅପ୍ ଆର୍ଟିଷ୍ଟ ଭାବେ ଓଡ଼ିଶା ଫ୍ୟାଶନ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କେବଳ ମେକ୍‌ଅପ୍ ଆର୍ଟିଷ୍ଟ ନୁହେଁ ଫ୍ୟାଶନ୍ ଡିଜାଇନର୍ ଭାବେ ବି ମୋର ଆଉ ଏକ ପରିଚୟ ରହିଛି ।

*-ଅନ୍ୱିତା*

# ଲାଜୁଆ ହସର ଭିତିରି କଥା, ଭାବିଲେ ଘୂରାଇ ଦେଉଛି ମଥା

**ପ୍ରଶ୍ନ**-ଜଣେ ଝିଅ ସବୁବେଳେ ଲାଜେଇ ଲାଜେଇ ହସୁଛି । ସେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*-ତନ୍ମୟ କୁମାର, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଲାଜୁଆ ହସରେ ଅନେକ କଥା ଲୁଚି ରହିଥାଏ । ଏହି ହସ କେତେବେଳେ ମିଠା ଲାଗେ ତ କେତେବେଳେ ମନରେ ବିଷ ଭରିଦିଏ । ତେବେ ତାହାର ଭିତିରି କଥାକୁ ମଗଜ ଖଟାଇ ପଢ଼ିପାରିଲେ ହେଲା । 'ଲାଜୁଆ ହସର ଭିତିରି କଥା, ଭାବିଲେ ଘୁରାଇ ଦେଉଛି ମଥା ।' ସେହି ହସକୁ ଯଦି ଠିକ୍ ଭାବରେ ତର୍ଜମା ନ କରି ତା' ସୁଅରେ ଭାସିଯିବେ, ତେବେ ଅଧା ବାଟରେ ଦିଗହରା ନାବିକ ପରି ବାଟ ଖୋଜି ବୁଲୁଥିବେ । ତେଣୁ ସେହି ସୁନ୍ଦରୀ ହସରୁ ଯଦି ପ୍ରେମର ପ୍ରାକ୍ ସୂଚନା ପାଉଛନ୍ତି ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ । ନ ହେଲେ ହୁଏତ ଚାନ୍ସଟା ଆଉ କିଏ ମାରିନେଇପାରେ !

**ପ୍ରଶ୍ନ**-ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି । ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ । କ'ଣ କରିବି ?

*-ଅମନ ବିଶ୍ୱାଳ, ଢେଙ୍କାନାଳ*

**ଉତ୍ତର :** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି । ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ । ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି । ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନାହିଁ । ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ । ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ । ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ ।

**ପ୍ରଶ୍ନ**-ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି । ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ । କ'ଣ କରିବି ?

*-ବିନୟ ଦାସ, ବାରିପଦା*

**ଉତ୍ତର:** କଥାରେ ଅଛି-ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା । ଏହି ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି । ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର । ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ । ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ । ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ । ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ୍ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ ।

**ପ୍ରଶ୍ନ**-ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି । ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି । ହେଲେ କହୁନି କାହିଁକି ?

*-ଅଜିତ ନାୟକ, ଯାଜପୁର*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି । ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି । ଏହାର ଅର୍ଥ କ'ଣ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ । ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା । ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ । ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**-ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି । ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ । କ'ଣ କରିବି ?

*-କୁନାଲ, ଭୁବନେଶ୍ୱର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି-ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ । ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର । ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି । ତେଣୁ ଆପଣ ଜଣେ କବି ଆଉ ଆପଣଙ୍କର ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ । ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତା ଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ ।

**ସାଥୀ**



# ଛଏ ବି ଖାଦ୍ୟ









**ଆମେ ଭାରତୀୟ ସାଧାରଣତଃ ଖାଦ୍ୟ ପ୍ରିୟ। ତେଣୁ ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ମିଳିଥାଏ। ତେବେ ଜାଣନ୍ତି କି ଭାରତରେ ଏମିତି ବି କିଛି ଖାଦ୍ୟ ଅଛି, ଯାହା ସମ୍ପର୍କରେ ଜାଣିଲେ ବିଶ୍ୱାସ ହେବନି ଏହା ଭାରତର ଖାଦ୍ୟ ବୋଲି। ଜାଣନ୍ତୁ ସେ ସମ୍ପର୍କରେ..**







**ଘୁଷୁରୀ ଅନ୍ତନଳୀର ପଲଉ 'ଜାଦୋହ':** ଏହି ଡିସ୍ ମେଘାଳୟର ଜୟନ୍ତିୟା ଜନଜାତିରେ ବହୁତ ଲୋକପ୍ରିୟ। ଏହାର ସୁନ୍ଦର ରଙ୍ଗ ଓ ବାସ୍ନାରେ ଆପେ ଭୋକ ଲାଗିବ। ତେବେ ଏହାକୁ ଏଠାକାର ଏକପ୍ରକାରର ଲାଲ ଚାଉଳ ସହ କୁକୁଡା ଅବା ଘୁଷୁରୀର ରକ୍ତ ଓ ଅନ୍ତନଳୀ ପକାଇ ରନ୍ଧାଯାଏ। କହିବାକୁ ଗଲେ ଏହା ଏକ ପ୍ରକାରର ପଲଉ। ଯେଉଁଥିରେ ରକ୍ତ ଓ ଅନ୍ତବୁଜୁଳା ମିଶାଇ ରନ୍ଧା ଯାଇଥାଏ।

**ଘୁଷୁରୀ ମାଂସ ସାଲାଡ 'ଦୋହ ଖଲିହ':** ଏହା ମଧ୍ୟ ମେଘାଳୟର ଆଉ ଏକ ଲୋକପ୍ରିୟ ଖାଦ୍ୟ। ଏଥିରେ ଘୁଷୁରୀ ମାଂସକୁ ଛୋଟ ଛୋଟ ଖଣ୍ଡ କରି ସେଥିରେ ପିଆଜ ଓ ଲଙ୍କା ପକାଇ ସାଲଡ ପରି ଖିଆଯାଏ। ଚାହିଁଲେ ଏଥିରେ ଟମାଟୋ, ଗାଜର ଓ ଲେମ୍ବୁର ବ୍ୟବହାର କରିପାରିବେ। ତେବେ ଏହାର ଆଉ ଏକ ବିଶେଷତ୍ୱ ହେଉଛି ଏହାକୁ ଗାର୍ନିଶ କରାଯାଏ ଷ୍ଟିମ ହୋଇଥିବା ଘୁଷୁରୀ ମସ୍ତିସ୍କରେ।


**କୁକୁର ମାଂସର ବ୍ୟଞ୍ଜନ:** ନାଗାଲାଣ୍ଡରେ ବୁଢିଆଣୀ, ଘୁଷୁରୀ ମାଂସ ସହ କୁକୁର ମାଂସ ବି ବେଶ୍ ଆନନ୍ଦରେ ଖିଆଯାଏ। କୁକୁର ମାଂସରେ ଏଠାରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ନାଗାଲାଣ୍ଡ ବ୍ୟତିତ ମିଜୋରମ, ମଣିପୁରର ଆଦିବାସୀ ଜନଜାତିଙ୍କର ବି ଏହା ପ୍ରିୟ ଡିସ୍।

**ନାଲି ପିମ୍ପୁଡି ଚଟଣୀ 'ଚପରା':** କିଛି ନାଲି ପିମ୍ପୁଡି ଓ ଜନ୍ଦା, ତା'ସହ ସେମାନଙ୍କର ଅଣ୍ଡା ଓ କିଛି ମସଲାର ଏକ ଚଟପଟା ବ୍ୟଞ୍ଜନ ହେଉଛି ଚପରା। ଏହା ଏକ ପ୍ରକାରର ଚଟଣୀ। ଛତିଶଗଡ, ବସ୍ତରର ଆଦିବାସୀ ଜନଜାତି ଏହାକୁ ବହୁତ ଖୁସିରେ ଖାଇଥାନ୍ତି। ଏହାକୁ ସେମାନେ ଉତ୍ସବ ଓ ଖୁସିର ଅବସରରେ ତିଆରି କରି ଖାଆନ୍ତି।

**ବେବି ଶାର୍କ ତରକାରୀ:** ଗୋଆର ଏହା ଏକ ଷ୍ଟାର ଡିସ୍। ଏଠାକାର କିଛି କୁଇଜିନରେ ବେବି ଶାର୍କର ତରକାରୀ ମିଳେ। ଏହା ସ୍ୱାଦିଷ୍ଟ, ହେଲେ ଦାମ ବହୁତ ଅଧିକ।

**ଫ୍ରଗ୍ ଲେଗ୍ ଫ୍ରାଏ:** ସିକ୍କିମ ଓ ଗୋଆର ଏହା ଏକ ସ୍ୱାଦିଷ୍ଟ ବ୍ୟଞ୍ଜନ। ମସଲାରେ ଗୋଳା ଯାଇ ଫ୍ରାଏ ହୋଇଥିବା ଫ୍ରଗ୍ ଲେଗ୍‌କୁ ସିକ୍କିମ୍‌ର ଲେପଚାସ୍ ସମ୍ପ୍ରଦାୟ ଖାଇବାକୁ ବହୁତ ଭଲ ପାଆନ୍ତି। ତା'ସହ ଏହାକୁ ଔଷଧୀୟ ଭାବେ ମଧ୍ୟ ଗ୍ରହଣ କରନ୍ତି। ଏହାକୁ ଖାଇଲେ ଆମାଶୟ ସହ ପେଟର ଅନ୍ୟ ରୋଗ ଭଲ ହୁଏ ବୋଲି ବିଶ୍ୱାସ ରହିଛି।

**ରେଶମ ପୋକର ବ୍ୟଞ୍ଜନ 'ଏରି ପୋଲୁ':** ସିଲ୍କ କପଡା ତିଆରି ପାଇଁ ରେଶମ ପୋକ ଚାଷ କରାଯାଇଥାଏ। ତେବେ ଜାଣନ୍ତିକି ଏହି ପୋକ କେବଳ ରେଶମ କପଡା ଦିଏ ନାହିଁ ଆସାମରେ ଏହାକୁ ନେଇ ସ୍ୱାଦିଷ୍ଟ ବ୍ୟଞ୍ଜନ ବି ପ୍ରସ୍ତୁତ କରାଯାଏ। କୋକୁନ ପ୍ରସ୍ତୁତ କରି ସାରିବା ପରେ ରେଶମ ପୋକ ବା ପ୍ୟୁପାକୁ ନେଇ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଏ। ଏହାକୁ ବାଉଁଶ କରଡିର ଏକ ପ୍ରକାରର ବ୍ୟଞ୍ଜନ ଖୋରିଶା ସହ ପରଷା ଯାଇଥାଏ।



**ଫାନ୍ ଫ୍ୟୁଟ୍:** ଭାରତୀୟଙ୍କ ଖାଦ୍ୟରେ ଆଳୁର ସ୍ଥାନ ସ୍ୱତନ୍ତ୍ର। ଏହାକୁ ନେଇ ବିଭିନ୍ନ ପ୍ରକାରର ଡିସ୍ ପ୍ରସ୍ତୁତ କରାଯାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଉତ୍ତର ପୂର୍ବ ଭାରତର କିଛି ସ୍ଥାନରେ ପଚା ଆଳୁକୁ ନେଇ ମଧ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ମସଲା ଦେଇ ପ୍ରସ୍ତୁତ କରାଯାଉଥିବା ଏହି ଡିସ୍ ବି ବେଶ୍ ସ୍ୱାଦିଷ୍ଟ।

**ମେଣ୍ଢା ମସ୍ତିସ୍କ ଫ୍ରାଏ:** ଆମେ ସାଧାରଣତଃ ଅତ୍ୟଧିକ ବିରକ୍ତ ଅବା ଚିଡ୍ ଚିଡ୍ ହୋଇଗଲେ କହୁ ମୋ ଭେଜା ଫ୍ରାଏ ହେଇଗଲା। ହେଲେ ପ୍ରକୃତରେ କ'ଣ କେବେ ଭେଜା ଫ୍ରାଏ ହୁଏ ? ହଁ, ହୁଏ। ତେବେ ମଣିଷର ନୁହେଁ ମେଣ୍ଢାର। ଲକ୍ଷ୍ନୌ ଓ ହାଇଦ୍ରାବାଦରେ ମେଣ୍ଢା ମସ୍ତିସ୍କ ଫ୍ରାଏ କରି ଏକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହା ଏଠାକାର ଏକ ଲୋକପ୍ରିୟ ଖାଦ୍ୟ ମଧ୍ୟ। କେବଳ ସେତିକି ନୁହେଁ ମେଣ୍ଢା ମସ୍ତିସ୍କର ତରକାରୀ ବି ଏଠାରେ କରାଯାଇଥାଏ।



ଆଦର୍ଶ

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## ବନ୍ଦ

ସ୍ତ୍ରୀ ସ୍ୱାମୀଙ୍କୁ: ହେଇଟି ଶୁଣୁଛ, ପେପର୍‌ରେ ଲେଖା ହେଇଛି ମଦ ପିଇବା ଜମାରୁ ଭଲ ନୁହେଁ।  ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ।
ସ୍ୱାମୀ: ତମେ କ'ଣ ଚାହୁଁଛ ମୁଁ ତାକୁ ବନ୍ଦ କରିଦେବି?
ସ୍ତ୍ରୀ: ହଁ, ମତେ ପ୍ରମିଜ କର ଯେ ଏସବୁ ବନ୍ଦ କରିଦେବ।
ସ୍ୱାମୀ: ହଉ ଠିକ୍ ଅଛି। ମୁଁ ତମକୁ ପ୍ରମିଜ୍ କରୁଛି। ଆଉ ତମକୁ ପ୍ରମିଜ୍ କରୁଛି ମାନେ ତାକୁ ଜମା ଭାଙ୍ଗିବିନି। ସେଥିପାଇଁ କାଲିଠାରୁ ଘରକୁ ପେପର୍ ଆସିବା ବନ୍ଦ।

## ସେଲ୍ଫ କଣ୍ଟ୍ରୋଲ

ସ୍ୱାମୀ: ସେଲ୍ଫ କଣ୍ଟ୍ରୋଲ କେମିତି କରାଯାଏ, ତାହା ତମଠୁ ଶିଖିବା ଉଚିତ।
ସ୍ତ୍ରୀ(ଖୁସି ହେଇ): ସେଇଟା ତ ସତ କଥା। ହେଲେ କୋଉ ବିଷୟରେ ସେଲ୍ଫ କଣ୍ଟ୍ରୋଲ ସେଇଟା ତ କହିଲନି।
ସ୍ୱାମୀ: ତୁମ ଶରୀରରେ ଏତେ ସୁଗାର ଅଛି। ହେଲେ ମାନିବାକୁ ପଡ଼ିବ ସେଲ୍ଫ କଣ୍ଟ୍ରୋଲକୁ। ଦେଖୁନ କେବେ କ'ଣ ତାହା ତୁମ ଜିଭ ପର୍ଯ୍ୟନ୍ତ ପହଞ୍ଚିପାରୁଛି।

## ଡେରି କରିଦେଲ

ରୋଗୀଙ୍କୁ ଡାକ୍ତର: ତୁମେ ଆସିବାରେ ବହୁତ ଡେରି କରିଦେଲ।
ରୋଗୀ ଉଦାସ ହୋଇ: ମୋର କ'ଣ ହେଇଛି ଡାକ୍ତର ବାବୁ? ମୋ ପାଖରେ ଆଉ କେତେ ସମୟ ବାକି ଅଛି?
ଡାକ୍ତର: ତୁମେ ମରିବାକୁ ଯାଉନ। ମୋ କହିବାର ଅର୍ଥ ହେଉଛି ତୁମର ୬ଟାରେ ଆପୋଏଣ୍ଟମେଣ୍ଟ ଥିଲା। ଆଉ ୭ଟାରେ ଆସିଲ।



ଆନ୍ଧ୍ରପ୍ରଦେଶର ଉଟି

# ଅରକୁ ଘାଟି

**ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଅରକୁ ଘାଟିକୁ ଅନେକେ ଆନ୍ଧ୍ରପ୍ରଦେଶର ଉଟି ବୋଲି ବି ସମ୍ବୋଧନ କରିଥାନ୍ତି। ଏଠାରେ ପର୍ଯ୍ୟଟକ ଶାନ୍ତ ପରିବେଶରେ ଛୁଟି କଟାଇବାର ମଜା ନେବା ସହ ଟ୍ରେକିଂ କରିବାର ନିଆରା ଆନନ୍ଦ ମଧ୍ୟ ଲଭିପାରିବେ...**

ଆନ୍ଧ୍ରପ୍ରଦେଶର ଅଲ୍ଲୁରୀ ସୀତାରାମ ରାଜୁ ନାମକ ଜିଲାରେ ଅବସ୍ଥିତ ଏକ ଶୈଳନିବାସ ହେଉଛି ଅରକୁ ଘାଟି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ଆକର୍ଷଣୀୟ ଯେ, ଦେଖିଲେ ନିମିଷକରେ କାହାର ବି ଆଖି ଲାଖିଯିବ। ସେଥିପାଇଁ ଅନେକେ ଅରକୁ ଘାଟିକୁ ଆନ୍ଧ୍ରପ୍ରଦେଶର ଉଟି ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ଏହି ଅଞ୍ଚଳରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ଅରକୁ ସମ୍ପ୍ରଦାୟର ଆଦିବାସୀ ହେଉଛନ୍ତି ଅନ୍ୟତମ।

### ଭୌଗୋଳିକ ଅବସ୍ଥିତି

୨୯୯୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଘାଟିଟି ଆନ୍ଧ୍ରପ୍ରଦେଶର ଅନ୍ୟତମ ଲୋକପ୍ରିୟ ତଥା ବଡ଼ ସହର ବିଶାଖାପାଟଣାଠାରୁ ପ୍ରାୟ ୧୧୪ କି.ମି ଦୂରରେ ଅବସ୍ଥିତ। କିନ୍ତୁ ଅନ୍ୟପକ୍ଷେ ଦେଖିଲେ ଏହା ଓଡ଼ିଶା ସୀମାର ଖୁବ୍ ନିକଟରେ ରହିଛି। ସେହିପରି ଅନନ୍ତଗିରି ଏବଂ ସୁଙ୍କାରୀମେଟ୍ଟା ସଂରକ୍ଷିତ ବନକ୍ଷେତ୍ର ହେଉଛି ଅରକୁ ଘାଟିର ଦୁଇ ଅଭିନ୍ନ ଅଙ୍ଗ। ପ୍ରାୟ ୫୦୦୦ ଫୁଟ ଉଚ୍ଚତା ବିଶିଷ୍ଟ ଗାଲିକୋଣ୍ଡା ନାମକ ଏକ ପାହାଡ଼ ବି ଏହି ଘାଟିର ଖୁବ୍ ନିକଟରେ ଥିବାର ଦେଖିବାକୁ ମିଳିଥାଏ ; ଯାହା ହେଉଛି ଆନ୍ଧ୍ରପ୍ରଦେଶର ଅନ୍ୟତମ ଉଚ୍ଚ ପର୍ବତ।

### ଅର୍ଥନୀତି

ଏଠାରେ କଫି ଚାଷ ଭଲ ହୋଇଥାଏ ବୋଲି ସୂଚନା ରହିଛି। ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ମୁଖ୍ୟତଃ କଫି ଚାଷ କରି ନିଜ ରୋଜଗାର ମେଣ୍ଟାଇଥାନ୍ତି। ଏ କ୍ଷେତ୍ରରେ ସେମାନଙ୍କୁ ସ୍ଥାନୀୟ ବନ୍ୟ ବିଭାଗ ତରଫରୁ ଅନେକ ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦିଆଯାଇଥାଏ। କେବଳ କଫି ନୁହେଁ, ମହୁ ଉତ୍ପାଦନ ବି ଏଠାରେ ଭଲ ହୋଇଥାଏ ବୋଲି ସୂଚନା ରହିଛି।

### ପର୍ଯ୍ୟଟନ


ଜନଗହଳିପୂର୍ଣ୍ଣ ପରିବେଶରୁ ଦୂର ଏହି ସ୍ଥାନରେ ଶାନ୍ତିରେ କିଛି ମୁହୂର୍ତ୍ତ ବିତାଇବା ପାଇଁ ପ୍ରାୟତଃ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ପ୍ରକୃତିର ଅପୂର୍ବ ଶୋଭା ସାଙ୍ଗକୁ କଫିଚାଷ ଦେଖିବାର ମଜା ଏଠି ବେଶ୍ ନିଆରା ଲାଗିଥାଏ। ତା'ଛଡ଼ା ଏଠାକାର ପାହାଡ଼ି ଅଞ୍ଚଳରେ ଟ୍ରେକିଂ କରିବାରେ ବି ଥାଏ ଏକ ଅପୂର୍ବ ଆନନ୍ଦ। କେବଳ ସେତିକି ନୁହେଁ, ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ପର୍ବପର୍ବାଣି, ଖାଦ୍ୟପେୟ ତଥା ପୋଷାକ ଆଦି ବିଷୟରେ ଜାଣିବାର ସୁଯୋଗ ବି ଏଠାରେ ମିଳିଥାଏ।

### ଫିଲ୍ମରେ ଘାଟିର ସୌନ୍ଦର୍ଯ୍ୟ

ଅରକୁ ଘାଟିର ଅପୂର୍ବ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଅନେକ ତେଲୁଗୁ ଫିଲ୍ମର ଶୁଟିଂ ଏଠାରେ ହୋଇଥିବାର ସୂଚନା ମଧ୍ୟ ରହିଛି। ତନ୍ମଧ୍ୟରୁ ହାପି ଡେଜ୍, କଥା, ଡାର୍ଲିଂ, ଲାଇଫ୍ ଇଜ୍ ବ୍ୟୁଟିଫୁଲ୍, ପରୁଗୁ ହେଉଛି ଅନ୍ୟତମ।

### କେବେ ଓ କେମିତି ଯିବେ

ଅରକୁ ଘାଟିକୁ ଯିବା ପାଇଁ ବିଶାଖାପାଟଣାରୁ ଉଭୟ ସଡ଼କପଥ ଓ ରେଳପଥର ସୁବିଧା ରହିଛି। ପ୍ରତି ଅଧଘଣ୍ଟାକୁ ଥରେ ବିଶାଖାପାଟଣାରୁ ସିଟି ବସ୍ ଅରକୁ ଘାଟି ଆଡ଼େ ଯାଇଥାଏ। ତା'ଛଡ଼ା ଅରକୁ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଳଷ୍ଟେଶନ, ଯେଉଁଠାକୁ ବିଶାଖାପାଟଣା ଜଙ୍କଶନ୍ ରେଲୱେ ଷ୍ଟେଶନରୁ ନିୟମିତ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଅରକୁ ଘାଟିରେ ପହଞ୍ଚିପାରିବେ। କେବଳ ବର୍ଷାଦିନକୁ ଛାଡ଼ି ବର୍ଷର ବାକି ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିହୁଏ।









# ଟୁଥ୍‌ବ୍ରଶ




**ସକାଳେ ଉଠୁ ଉଠୁ ଲୋଡା ପଡେ ଟୁଥ୍‌ବ୍ରଶ୍। ଖାଲି ସକାଳେ କାହିଁକି ରାତିରେ ଶୋଇବା ପୂର୍ବରୁ ମଧ ଏହାର ଆବଶ୍ୟକତା ପଡେ। ତେବେ ଜାଣନ୍ତି କି ଜୀବନର ମୁଖ୍ୟ ଅଂଶ ପାଲଟିଥିବା ଏଇ ଟୁଥ୍‌ବ୍ରଶର ଇତିହାସ କ'ଣ? କେବେଠୁ ଏହାକୁ ବ୍ୟବହାର କରାଯାଉଛି? ଜାଣନ୍ତୁ ସେ ସମ୍ପର୍କରେ...**

ଆଜିକାଲି ପ୍ଲାଷ୍ଟିକ ସହ ବୈଦ୍ୟୁତିକ ବ୍ରଶ୍ ବି ବ୍ୟବହାର କରାଯାଉଛି ଦାନ୍ତ ସଫା କରିବା ପାଇଁ। ହେଲେ ଆଗରୁ ଏସବୁ ନ ଥିଲା। ପୂର୍ବେ ଦାନ୍ତ ସଫା କରିବା ପାଇଁ ପାଉଁଶ, ମାଟି ଓ ଦାନ୍ତକାଠିର ବ୍ୟବହାର କରାଯାଉଥିଲା। ପ୍ରାଚୀନ ବେବିଲୋନରେ ପ୍ରାୟ ଖ୍ରୀ.ପୂ. ୩୦୦୦ ବେଳକୁ ଗଛର ପତଳା ଶାଖାକୁ ଦାନ୍ତ ସଫା କରିବା ପାଇଁ ବ୍ୟବହାର କରାଯାଉଥିଲା। ଏହାକୁ ଏଭଳି କାଠରେ ତିଆରି କରାଯାଉଥିଲା, ଯାହାକୁ କି ଚୋବାଇ ହେବ। ପରେ ଚାଇନା ଅଧିବାସୀ ଦାନ୍ତ ଚମକାଇବା ଲାଗି ଖ୍ରୀପୂ ୧୬୦୦ବେଳକୁ ସୁଗନ୍ଧଭରା ଗଛର ପତଳା ଶାଖା ବ୍ୟବହାର କଲେ, ଯାହା କି ଦାନ୍ତ ସଫା କରିବା ସହ ପାଟିକୁ ସୁଗନ୍ଧିତ କରୁଥିଲା। ଏହାପରେ ଲୋକେ ପ୍ରାଣୀଙ୍କ କେଶକୁ ପତଳା କାଠର ଅଗ୍ରଭାଗରେ ଲଗାଇ ଦାନ୍ତ ସଫା କରିବାକୁ ଲାଗିଲେ। ସେତେବେଳେ ଟୁଥପେଷ୍ଟର ଉଦ୍ଭାବନ ହୋଇ ନ ଥିବାରୁ ସେହି ବ୍ରଶ ଉପରେ ପାଉଁଶ, ମାଟି, ଅଣ୍ଡା ଖୋଳପାର ପେଷ୍ଟକୁ ଲଗାଇ ଦାନ୍ତ ସଫା କରୁଥିଲେ। କୁହାଯାଏ ପ୍ରାୟ ୫୦୦ ବର୍ଷ ପୁରୁଣା ଅଟେ ଟୁଥବ୍ରଶର ଇତିହାସ। ୧୪୯୮ରେ ମିଙ୍ଗ ରାଜବଂଶର ରାଜା ହୋଙ୍ଗଝି ଘୁଷୁରିର କେଶକୁ ବ୍ୟବହାର କରି ପୃଥିବୀର ପ୍ରଥମ ଟୁଥବ୍ରଶ ତିଆରି କରିଥିଲେ। ଏଥିରେ କାଠ ସ୍ଥାନରେ ହାଡକୁ ବ୍ରଶର ହ୍ୟାଣ୍ଡେଲଭାବେ ବ୍ୟବହାର କରାଯାଇଥିଲା ; ଯାହା ଉପରେ ଘୁଷୁରି କେଶ ଲଗାଯାଇଥିଲା। କୁହାଯାଏ ଏହି ବ୍ରଶରେ ଦାନ୍ତ ଭଲ ସଫା ହେଉଥିଲା। ରାଜା ହୋଙ୍ଗଝି ଏହି ବ୍ରଶକୁ ସେହିବର୍ଷ ୨୬ ଜୁନ୍‌ରେ ପେଟେଣ୍ଟ କରାଇଥିଲେ। ହୋଙ୍ଗଝିଙ୍କର ଏହି ବ୍ରଶ୍‌ର ବ୍ୟବହାର ପରେ ପୃଥିବୀର ବିଭିନ୍ନ ସ୍ଥାନରେ ହେବାକୁ ଲାଗିଲା। ହେଲେ ଏହାର କେହି ନାମକରଣ କରି ନ ଥିଲେ। ୧୬୯୦ରେ ଏହାର ନାମ 'ଟୁଥବ୍ରଶ' କରାଯାଇଥିବା ଅନୁମାନ କରାଯାଏ। କାରଣ ଏନ୍ଥନୀ ଉଡ ନାମକ ଜଣେ ବ୍ୟକ୍ତି ନିଜ ଆତ୍ମକଥାରେ ପ୍ରଥମ ଥର ଏହିବର୍ଷ ଟୁଥବ୍ରଶ ଶବ୍ଦର ବ୍ୟବହାର କରିଥିଲେ। ତେବେ କୁହାଯାଏ ୱିଲିୟମ ଏଡିସ ନାମକ ଜଣେ ବ୍ୟକ୍ତି ୧୭୭୦ରେ ଜେଲରେ ଥିବାବେଳେ ଟୁଥବ୍ରଶ ବ୍ୟବସାୟ କରିବାକୁ ଯୋଜନା କରିଥିଲେ। ପରେ ଜେଲରୁ ଆସିବା ପରେ ୧୭୮୦ରେ ଟୁଥବ୍ରଶର ମାସ୍ ପ୍ରଡକ୍ସନ ଆରମ୍ଭ କଲେ। ସେ ଶସ୍ତା ବ୍ରଶ ପାଇଁ ଘୁଷୁରୀ କେଶ ଓ ଦାମୀ ବ୍ରଶ୍ ପାଇଁ ମୁଣ୍ଡରେ ଗାର ଗାର ଥିବା ଓଧ ଜାତୀୟ ପ୍ରାଣୀ ୱାଜରର କେଶ ବ୍ୟବହାର କରୁଥିଲେ। ତା'ସହ ଘୋଡାର କେଶ ବି ବ୍ୟବହାର କଲେ। ଜେଲରେ ଥିବାବେଳେ ସେ କାଠରେ ନିଜ କେଶକୁ ଅଠାରେ ଲଗାଇ ବ୍ରଶ ତିଆରି କରି ଦାନ୍ତ ସଫା କରୁଥିଲେ। ସେଇ ଉପାୟକୁ ବ୍ୟବହାର କରି ସେ ବ୍ରଶ ତିଆରି କଲେ। ଆଉ ନିଜ କମ୍ପାନୀର ନାଁ ରଖିଥିଲେ 'ୱିସ୍‌ଡମ୍ ଟୁଥବ୍ରଶ'। ପରେ ୧୮୪୪ରେ ପ୍ରଥମ ଥର ତିନି ଲାଇନ୍ ଥିବା ଟୁଥବ୍ରଶ ଆସିଲା। ୧୯୩୮ରେ ବ୍ରଶରେ ପ୍ରାଣୀଙ୍କ କେଶ ବଦଳରେ ନାଇଲନ୍ ବ୍ରିଷ୍ଟଲର ବ୍ୟବହାର ହେଲା। ହେଲେ ହ୍ୟାଣ୍ଡେଲ କାଠରେ ହିଁ ତିଆରି ହେଉଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ସେଲ୍ୟୁଲଏଡ ପ୍ଲାଷ୍ଟିକ ହ୍ୟାଣ୍ଡେଲ ଥିବା ବ୍ରଶ ଆସିଲା। ୧୯୫୦ ବେଳକୁ ଟୁଥବ୍ରଶ ଆଜିକାର ଟୁଥବ୍ରଶ ପରି ହୋଇଯାଇଥିଲା। ୧୯୫୪ରେ ପ୍ରଥମ ବୈଦ୍ୟୁତିକ ବ୍ରଶ ବ୍ରୋକ୍ସୋଡେଣ୍ଟ ତିଆରି ହୋଇଥିଲା। ଏହାପରେ ନୂଆ ନୂଆ ପଦ୍ଧତି ବ୍ୟବହାର କରି ବ୍ରଶ ତିଆରି ହେବାକୁ ଲାଗିଲା।



# ଭୂତ ବାହାଘର



ପ୍ରତି ଦେଶ, ଧର୍ମ, ସମୁଦାୟର ନିଜ ନିଜର ପ୍ରଥା, ପରମ୍ପରା ଓ ଲୋକ ମାନ୍ୟତା ଥାଏ। ଆଉ ତାକୁ ସମସ୍ତେ ବେଶ୍ ଆଗ୍ରହ ଓ ଉତ୍ସାହର ସହ ପାଳନ କରନ୍ତି। ତେବେ ଏଇ ପ୍ରଥା ପରମ୍ପରା ମଧ୍ୟରୁ କିଛିଟା ଥାଏ ବେଶ୍ ଆଶ୍ଚର୍ଯ୍ୟଜନକ ; ଯାହାକୁ ଦେଖି ଅନ୍ୟମାନେ ବେଶ୍ ଚକିତ ହୁଅନ୍ତି। ସେମିତି ଏକ ପ୍ରଥା ଚାଇନାରେ ପ୍ରଚଳିତ ଅଛି, ଯାହାକୁ ଘୋଷ୍ଟ ୱେଡିଂ ବୋଲି କୁହାଯାଏ। ଏହା ୩୦୦୦ ବର୍ଷ ପୁରୁଣା ପରମ୍ପରା। ଖାସ୍‌କରି ଶ୍ୟାଙ୍ଗଜି ପ୍ରାନ୍ତରେ ପାଳିତ ହେଉଥିବା ଏହି ପରମ୍ପରାରେ ଦୁଇଜଣଙ୍କର ବିବାହ କରାଯାଏ, ଯେଉଁମାନେ କି ବିବାହ କରିବା ପୂର୍ବରୁ ମୃତ୍ୟୁବରଣ କରିଥାନ୍ତି। ଏଭଳି ବିବାହ କରାଇବା ପଛର କାରଣ ହେଉଛି ଯେଉଁ ବିବାହର ସୁଖ ସେମାନଙ୍କୁ ଜୀବିତ ଥିବା ସମୟରେ ମିଳି ନ ଥିଲା ତାହା ମରିବା ପରେ ମିଳୁ ; ଯଦ୍ୱାରା ମୃତ୍ୟୁପରେ ସେମାନଙ୍କ ଜୀବନ ସୁଖମୟ ହେଉ। ଏହି ବିବାହ ବେଳେ ପୁରୁଷର କବର ଭିତରେ ନାରୀର ଅସ୍ଥିକୁ ରଖି ଦିଆଯାଏ। ଯଦ୍ୱରା କି ସେମାନେ ସାଙ୍ଗ ହୋଇ ରହିପାରିବେ। ଏଇ ବିବାହ ବେଶ୍ ଧୁମ୍‌ଧାମ୍‌ରେ କରାଯାଏ। କନିଆକୁ ଗହଣା ବି ଦିଆଯାଏ। ତେବେ ଏବେ କିଛି ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଏହି ପ୍ରଥା କଳୁଷିତ ହେବାକୁ ଲାଗିଲାଣି। ବିବାହ ପୂର୍ବରୁ ମୃତ୍ୟୁବରଣ କରିଥିବା ପୁରୁଷ ପାଇଁ କୌଣସି ନାରୀର ମୃତ ଶରୀର ନ ମିଳିଲେ ପୁରୁଣା କବର ଖୋଳି ଶବ ଚୋରି କରାଯାଉଛି। ଏମିତି କି ଯୁବତୀଙ୍କ ମୃତ ଶରୀର ଓ ହାଡ ବଜାରରେ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ମଧ୍ୟ କରାଯାଉଛି।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଲା

# ପରଫେକ୍ଟ ଯୋଡି...



ପରଘରେ ବଳେ ପଶି ବୁଦ୍ଧି ବତାଉଥିବା ବତାସ ମଉସା ଆଉ ମନ୍ଥରୀ ମାଉସୀ, ଏବେ ରହୁଛନ୍ତି ଜରାଶ୍ରମରେ। କେହି କୁହନ୍ତି ଆଜିର ସମାଜ ପିଲାଙ୍କ ଦୋଷ ତ କେହି କେହି କହନ୍ତି, କୃତ କର୍ମର ଫଳ ଭୋଗ। ଆଗରୁ ଅପରିଚିତ ଦୁହେଁ ଏକା ଜାତିର ଜାଣିଲା ପରେ, ସେମାନଙ୍କ ଭଲପାଇବା, ଗପସପ ହେବା ଅଧିକ ଜମି ଯାଇଛି । ମନ୍ଥରୀ ମାଉସୀ ପଚାରିଲେ, ହେ ଭାଇନା ! ତମ ଘରେ କିଏ କିଏ କ'ଣ କରନ୍ତି, ଟିକେ କହୁନା ।

–ମୋ ସ୍ତ୍ରୀ ମରିବା, ତିନି ବରଷ ବିତିଲାଣି। ଗୋଟେ ଝିଅ ଦଶ ବର୍ଷ ତଳୁ ବାହାହେଇ ଜ୍ୱାଇଁ ସାଙ୍ଗେ ବିଦେଶରେ ରହେ। ଆଉ ଗୋଟେ ଗେଲବସରିଆ ମାତ୍ର ପଇଁତିରିଶ ବରଷର ଭେଣ୍ଡିଆ ପୁଅ କେତେବେଳେ ଘରେ ତ କେତେବେଳେ କାମରେ ବାହାରେ ରହେ। ଆଉ ତମ ଘରକଥା କ'ଣ କହୁନା।

–ମୋ କଥା କ'ଣ ଆଉ କହିବି! ଘରେ ପୁଅ, ବୋହୂ, ପାଞ୍ଚ ବର୍ଷର ନାତି। ତା' ଛଡା ଅଲିଅଳି, ସୁନ୍ଦରୀ ମାତ୍ର ବତିଶ ବର୍ଷର ଗୁଣର ବାଉୁଆ ଝିଅଟେ ଅଛି। ହେଲେ ଭାଇନା ! ତମ ପୁଅକୁ କିଆଁ ଏଯାଏ ବାହା ଦେଇନା ?

–କାଇଁ, ତା'ର ଏମିତି କୋଉ ବୟସ ଗଡି ଗଲାଣି କି? ଭଲ କନ୍ୟାରତ୍ନଟିଏ ମିଳିଲେ, କାମ ବଢ଼େଇ ଦିଅନ୍ତି। ମତେ କହୁଛ। ତମର ତ ବାଉୁଆ ଝିଅ ଅଛି ନା।

–ହଁ ଭାଇନା। କଥାଟେ ଭାବୁଛି। ତମ ପୁଅ ଯଦି ସୁନ୍ଦର, ଯୋଗ୍ୟର ହୋଇଥିବ, ତେବେ କାମ ତୁଟେଇ ଆମେ ମିଶିକି ଏଇ ମାଗଣା ଖିଆ ଜରାଶ୍ରମରେ ବାକି ଦିନଗୁଡା ହସ ଖୁସିରେ ବିତେଇ ଦିଅନ୍ତେ। ଆଛା, ତମ ପୁଅ କ'ଣ କରନ୍ତି ?

–ମୋ' ପୁଅ ଭାରି ଧୁରନ୍ଧର.. ସର୍ବ ବିଦ୍ୟାରେ ପାରଙ୍ଗମ।

–ଆଛା ! ତେବେ ଖୁବ୍ ଭଲକଥା। ହେଲେ ତା'ର କିଛି ଖରାପ ଗୁଣ ନାହିଁ ତ ?

–ହେ.. ନା। ମୁଁ କେତେବେଳେ ମିଛ କହେ ଯେ, ଆଜି କହିବି। ସିଏ ଖାଲି ଜର୍ଦ୍ଦା କଡା ବାସ୍ନା ପାନ ଖଣ୍ଡେ ଖଣ୍ଡେ ଖାଏ। ବେଳେବେଳେ ସିଗାରେଟ୍ ଟାଣେ।

–କ'ଣ ? ତମ ପୁଅ ଜର୍ଦ୍ଦା କଡାପାନ ଖାଏ... ସିଗାରେଟ୍ ଟାଣେ ?

–ତ କ'ଣ ହୋଇଗଲା ? ସେ କ'ଣ ସବୁବେଳେ ପାନ, ସିଗାରେଟ୍ ଖାଏ ? ଯେତେବେଳେ ଡ୍ରିଙ୍କ୍ସ କରେ, ସେତେବେଳେ ସିଗାରେଟ୍ ଟାଣେ। ଆଉ ମଦ –ସିଗାରେଟ୍ ଗନ୍ଧ, ଅନ୍ୟ ଭଦ୍ରଲୋକଙ୍କ ନାକରେ ନ ବାଜିବାକୁ ଜର୍ଦ୍ଦା ବାସ୍ନା ପାନ ଖାଇଥାଏ।

– ଓ.. ରେ.. ବାବା ! ତମ ପୁଅ ଡ୍ରିଙ୍କ୍ସ କରେ ? ମାନେ ମଦ ବି ପିଏ ?

–ମଲା, ସେ କ'ଣ ସବୁବେଳେ ଡ୍ରିଙ୍କ୍ସ କରେ ନା କ'ଣ ? ଯେତେବେଳେ ନାଇଟ କ୍ଲବ... ଡ୍ୟାନ୍ସ ହୋଟେଲ ଯାଏ, ସେତେବେଳେ ଡ୍ରିଙ୍କ୍ସ କରେ।

–ହେ ଭଗବାନ ! ତମ ପୁଅ ହୋଟେଲ ଯାଏ, ଡ୍ୟାନ୍ସ କରେ.. ନାଇଟ କ୍ଲବ ବି ଯାଏ ?

–ଏଁ... ? ଭଗବାନଙ୍କୁ କାଇଁ ଡାକୁଛ ? ଆରେ ସିଏ କ'ଣ ସବୁବେଳେ ହୋଟେଲ କ୍ଲବ ଯାଇ ଡ୍ୟାନ୍ସ କରେ ? ଯେତେବେଳେ ତା' ଗର୍ଲ ଫ୍ରେଣ୍ଡ ଡାକେ,–ସେତେବେଳେ କ୍ଲବ ଯାଏ, ଡ୍ୟାନ୍ସ କରେ, ଡ୍ରିଙ୍କ୍ସ କରେ।

–କି କଥା ! ତମ ପୁଅ ଗର୍ଲ ଫ୍ରେଣ୍ଡ ସାଙ୍ଗେ କ୍ଲବ ଯାଏ... ଡ୍ରିଙ୍କ୍ସ କରି ଡ୍ୟାନ୍ସ କରେ ?

–କ'ଣ ଏମିତିକା କଥା କହୁଛ ? ତା'ର କ'ଣ ଛୋଟ ହୃଦୟ ଯେ ଜଣଙ୍କ ସାଥୀରେ ଯାଏ ? ଅନେକଙ୍କ ଭିତରୁ ଯିଏ ଯୋଉଦିନ ଡାକେ, କେବଳ ତାଙ୍କ ଖୁସିପାଇଁ ଯାଏ, ପିଏ... ନାଚେ। ଏମିତି କି ସେମାନଙ୍କ ଆନନ୍ଦ ଖୁସିପାଇଁ ଚୋରି କରିବାକୁ ବି ଡରେନି।

–କ'ଣ କହୁଛ ଭାଇନା ! ପୁଅ ତମର ଚୋରି ବି କରେ ?

–ହେ ହେ। ତମେ ତାକୁ ଚୋର ବୋଲି କହିପାରିବନି। ସେ କ'ଣ ସବୁବେଳେ ଚୋରିକରେ ? ଯେତେବେଳେ ଫ୍ରେଣ୍ଡମାନଙ୍କ ସହ ମିଶି ଡ୍ରଗ୍ସ ଖାଏ, ଟଙ୍କାର ଅଭାବ ହୁଏ– ଖାଲି ସେତିକିବେଳେ ଚୋରିକରେ। ଧରାପଡ଼ି ବେଳେବେଳେ ଥାନା... ଜେଲଖାନା ଯାଏ।

–ହେ ଭାଇନା ! ତମ ପୁଅ ତ ସବୁଥିରେ ପାରଙ୍ଗମ ! ଡ୍ରିଙ୍କ୍ସ, ଡ୍ରଗ୍ସ, ଡ୍ୟାନ୍ସ, ଚୋରି, ନାରୀ ଠୁ ଥାନା –ଜେଲଖାନା ବି ଆସୁଛି ଦର୍ଶନ କରି। ଆରେ ନା ନା... ଢେର ଦିନ ରହି ଆସୁଥିବ ଅନୁଭୂତି ଧରି !

–ହାଁ.. ମୁଁ ଆଗୁଆ କହିଛି ନା। ତା'ର ବହୁତ ଅଭିଜ୍ଞତା... ସବୁଥିରେ ପାରଙ୍ଗମ। ହଉ ଛାଡ଼। ତମ ଝିଅ କେମିତିକା ଟିକେ କହିଲ !

–ଭାଇନା ! ମୋ ଝିଅ କୋଉ ଗୁଣରେ ଉଣା... କହୁନା ! ତା'ର ଏତେ ଜ୍ଞାନ... ଏତେ କଥା ସେ ଜାଣେ ଯେ, ଗାଁ ଦାଣ୍ଡରେ ଲୋକମାନେ ରୁଣ୍ଡ ହୋଇ ତା' କଥା ଶୁଣନ୍ତି। ସେ ଲାଜ ନ କରି ମୁହଁରେ ସଫା ସଫା କହେ। କାହାକୁ ଡରେନି କି ସରମ କରେନି। ଯାହା ଘରକୁ ଯିବ... ତା' ଘର ଅବସ୍ଥା ବଦଳିଯିବ। ସମସ୍ତେ ପାଟି ଚୁପକରି ଖାଲି ତା' କଥା ଶୁଣିବେ। ମୋ ଝିଅ ପୂରା ଷୋଳକଳା ନେଇ ଜନମ ହେଇଛି। ତମ ପୁଅ, ତା' କୋଉ ଗୁଣକୁ ସରିହବ କହିଲ ?

–ଏଁ... ! ତମ ଝିଅଠି ଯେବେ ଏତେ ଗୁଣ ରହିଛି ଭରି, ତେବେ ଆଉ କାଇଁ କରୁଚ ଡେରି ? କାଲି ଚାଲ। ତାକୁ ମୋ ପୁଅ ସାଙ୍ଗରେ ଫିଟ୍ କରେଇ, ମନ୍ଦିରରେ ମୁଦି ପିନ୍ଧେଇ, ମାଳା ଯୋଡ଼େ ବଦଳେଇ କାମ ସାରିଦେବା। ମତେ ଖାଲି ଏତିକି କୁହ, ସେ କି ଜ୍ଞାନ କଥା କହେ ଯେ, ତା' କଥା ଏତେଲୋକ ଶୁଣନ୍ତି ।

–ମଲା, ଏଇ କଥା। ହଉ ଗୋଟେ ଉଦାହରଣ ଦେଉଛି ଶୁଣ। ତାକୁ ଯଦି ତା' ଭାଇ କି ଭାଉଜ ଘରଭିତରେ ଚୁପ କିନା କ'ଣ ପଚାରନ୍ତି, ତା'ର ଭଲଗୁଣ ହେଲା... ସେ ଚୁପୁରୁ ଫୁସୁରୁ ହେଇ କାନରେ ନ କହି ସିଧା ଦାଣ୍ଡରେ ଆସି ଠିଆ ଠିଆ ଉଚ୍ଚ ସ୍ୱରରେ ବିଶୁଦ୍ଧ ଶବ୍ଦରେ ଢଗ ଢମାଳି ଗାଇ, ଆକ୍ସନ କରି ଅଙ୍ଗ ପ୍ରତ୍ୟଙ୍ଗ ହଲେଇ ଏମିତିକା କହିବ ଯେ, ଆଛା ଆଛା ମହାନ୍ ମଞ୍ଚ କଳାକାର ତା' ପାଖଙ୍ଗରେ ପଡିବେନି। ଏମିତି ମନମୁଗ୍ଧୋକର ଦୃଶ୍ୟ ଦେଖିବାକୁ ଘରକାମ ଛାଡି ମାଇପେ, ପଢ଼ାପଢି ଛାଡି ପିଲାଏ, କାମଧନ୍ଦା ଛାଡି ମରଦମାନେ ଧାଇଁ ଆସନ୍ତି। ଥରେ ପୁଅ ବୋହୂ ତା' ନାଁରେ ଥାନାରେ ଏତଲା ଦେଲେ ସତ, ମାତ୍ର ଘଣ୍ଟାଏ ଭିତରେ ପୁଲିସିବାବୁ ଗୁଣ ଚିହ୍ନା ଗୁଣୀଜନ ବୋଲି ମୋ ଝିଅ ଗୁଣକୁ ଜାଣିପାରି, ହାତଯୋଡ଼ି କ୍ଷମାମାଗି ଚୁପ ହେଇଯିବାକୁ ଅନୁରୋଧ କରି, ଓଲଟି ମୋ ପୁଅ ବୋହୂକୁ ବୁହାଏ ଗାଳିକରି ଚାଲିଗଲେ। ତା' ଭଳି ଗୁଣର ଝିଅ... ଭାଗ୍ୟରେ ଥିଲେ ପାଇ।

–ଆରେ ବାଃ ! ତା' ହେଲେ ସେଇ ଝିଅ, ମୋ ପୁଅ ପାଇଁ ପରଫେକ୍ଟ। ଥାନା ହାଜତରୁ ମୋ ପୁଅକୁ ଆଣିପାରିବ। ତା' ଭାଲେଣ୍ଟାଇନି ପରବ ପାଳିବା ଛଡେଇ, ସାଙ୍ଗରେ ମିଶି ଜାଗର ଜାଳିପାରିବ। ଆଉ ତା' ପାଇଁ ତମ ଝିଅ... ସାବିତ୍ରୀ ଓଷା କରିପାରିବ। ଦୁହିଁଙ୍କର ଏଇ ଯୋଡି... ମ୍ୟାଚିଂ ସଂସାର ଗାଡି... ମତେ ଲାଗୁଛି ଘିଡ଼ି ଘିଡ଼ି ହେଇ ଆଗକୁ ପାରିବ ଗଡ଼ି।

–ତମେ ସତ କହୁଛ ?

–ହଁ ହଁ ସତ କହୁଛି। ଏବେ ସମୁଦୁଣୀ ବୋଲି ଡାକି ଦେଉଛି। ଆହେ ! ଯେମିତି କୋଉ ବର –କନିଆଁ ଉଭୟଙ୍କର ମଙ୍ଗଳଦୋଷ ଥିଲେ ତାଙ୍କୁ ବାହାକଲେ, କେହି ମରନ୍ତିନି କି ଛାଡ଼ପତ୍ର ହୁଅନ୍ତିନି.. ଠିକ ସେମିତି ଏମାନେ ଟଣାଟଣି ହୋଇ ଚାଲିବେ.. ଏ କଥା ଖୋଦ୍ ତମ ଆଖି ଦେଖିବ... ।

–ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଛଦ୍ମବେଶୀ

**ଗାଳ୍ପିକ ସୋମନାଥ ପଣ୍ଡା**
**ପ୍ରକାଶକ–ଗଞ୍ଜାମର କବିତା ଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର, ମୂଲ୍ୟ–୧୫୦ଟଙ୍କା**

ଛଦ୍ମବେଶୀ ଗାଳ୍ପିକ ସୋମନାଥ ପଣ୍ଡାଙ୍କ ପୁସ୍ତକ । ଏଥିରେ ୧୮ଟି ଗପ ସ୍ଥାନିତ ହୋଇଛି। ଗପ ଗୁଡିକରେ ସମାଜର କୁସଂସ୍କାର ଯଥା– ଲିଙ୍ଗ ନିରୂପଣ, ନାରୀ ପୁରୁଷ ପ୍ରଭେଦ, ଜାତିପ୍ରଥା ଅଧିକାର ତଥା ପାଠପଢା, ଖୋଳପା ଭିତରେ ବଞ୍ଚିବା, ମୁଖାପିନ୍ଧି ଅନ୍ୟର ରୂପ ନେବା, ଆପଣାର ହୋଇ ପିଠିରେ ଛୁରା ମାରିବା ଓ ନିକଟତର ହୋଇ ଦୂରକୁ ଠେଲିଦେବା ଆଦି ଅନେକ ଛଦ୍ମବେଶୀଙ୍କ କଥା ଗଳ୍ପରେ ରହିଛି । ପ୍ରତ୍ୟେକ ଗଳ୍ପ ପାଠକଙ୍କ ପ୍ରାଣ ଓ ହୃଦୟକୁ ଛୁଇଁଲା ଭଳି ହୋଇଛି। ପୁସ୍ତକଟି ଓଡିଆ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିବ ବୋଲି ଆଶା ଓ ବିଶ୍ୱାସ ।




### ସାଉଁଟା ଫୁଲ

**ଶେଷଦେବ ଛୋଟରାୟ**
**ପ୍ରକାଶିକା–ଶୁଭଲକ୍ଷ୍ମୀ ଛୋଟରାୟ, ପୁରୁଣାଗଡ, ଆଶ୍ରମପାଟଣା, ଜଗତ୍‌ସିଂହପୁର, ମୂଲ୍ୟ–୧୦୦ଟଙ୍କା**

ସାଉଁଟା ଫୁଲ ଶେଷଦେବ ଛୋଟରାୟଙ୍କ ଗୀତି କବିତା ସଂକଳନ। ଏଥିରେ ୧୧୨ଟି କବିତା ପ୍ରକାଶ ପାଇଛି। କବିତାଗୁଡିକରେ ମାନସିକ ଭାବାବେଗ ଦୃଷ୍ଟିଗୋଚର ହୁଏ। ଏଥିରେ ଅସୁମାରୀ ଆଶା, ଭାବ ଓ ଭାଷାର ଚମତ୍କାରୀତା ସଂକଳନଟିକୁ ସୁଖପାଠ୍ୟ କରିବ। କବିତାଗୁଡିକରେ ସାଶ୍ୱତ ପ୍ରେମ ସହ ପଲ୍ଲୀ ଚେତନାର ଚିତ୍ର ବେଶ୍ ମାର୍ମିକ । ପ୍ରତ୍ୟେକ କବିତାରେ ଛନ୍ଦ, ଲୟ ଓ ତାଳକୁ କବି ଗୁରୁତ୍ୱ ଦେଇଛନ୍ତି । ଆଶା ପାଠକଙ୍କ ହୃଦୟକୁ ଛୁଇଁବ।




### ମାନମୟୀ

**ରାଧାମୋହନ ମହାପାତ୍ର**
**ପ୍ରକାଶିକା–ପ୍ରତିଭା ମହାପାତ୍ର, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର –୬, ମୂଲ୍ୟ–୮୦ଟଙ୍କା**

ମାନମୟୀ ରାଧାମୋହନ ମହାପାତ୍ରଙ୍କ ଉପନ୍ୟାସ । ସୁଧୀର ଓ ସମୀର ଘନିଷ୍ଠ ବନ୍ଧୁ। ସେମାନେ ଏତେ ପରସ୍ପରକୁ ଭଲ ପାଆନ୍ତି ଯେ, ଦୂରରେ ଚାକିରି କଲେ ମଧ୍ୟ ବ୍ୟସ୍ତତା ଭିତରେ ସେ ନିଶ୍ଚୟ ପ୍ରତିଦିନ କଥା ହୋଇ ନିଜ ନିଜ ଭଲମନ୍ଦ ବୁଝିଥାନ୍ତି । କେମିତି ମା' ଓ ବଡ ଭାଇ କଷ୍ଟକରି ସୁଧୀରଙ୍କୁ ପାଠ ପଢାଇଛନ୍ତି। ପୁଣି ବିଲରେ ହଳ କରୁଥିବା ବେଳେ ବଜ୍ରପାତରେ ମୃତ୍ୟୁ ହେଉଛି ସୁଧୀରଙ୍କ ବଡ ଭାଇ ବଳାରାମଙ୍କର। ଏଭଳି ଉପନ୍ୟାସର ଭିତ୍ତିଭୂମି । ପୁସ୍ତକଟି ସୁଖପାଠ୍ୟ ହେବ ବୋଲି ଆଶା।



# ଓଲଟା ଗଛ

ସବୁ ଗଛ ଆକାଶ ଆଡ଼କୁ ବଢ଼ିଥାଏ । ଅର୍ଥାତ୍ ଚେର ଭୂମିକୁ ଜାବୁଡି ଧରିଥାଏ ଓ ତାହା ଉପର ଆଡ଼କୁ ବଢେ । କିନ୍ତୁ ରୋମରେ ଅଛି ଏଭଳି ଏକ ଅଜବ ଗଛ, ଯାହା ଉପରରୁ ତଳ ଆଡକୁ ବଢିଛି । ଭାବୁଥିବେ ଏହା କେମିତି ସମ୍ଭବ ବୋଲି । ଆଉ ଏହି ଅଜବ ଓଲଟା ଗଛକୁ ଦେଖିବା ପାଇଁ ଆସୁଛନ୍ତି ଅନେକ ପର୍ଯ୍ୟଟକ । ଇଟାଲୀ, ବକୋଲୀ ସହର ନିକଟରେ ଅଛି ପ୍ରାଚୀନ ସହର ବାଇଏ । ଏଠାରେ ଅଛି ଏକ ପୁରାତନ ରୋମନ ଆର୍କୱେ ବା ଗୁମ୍ଫା ରାସ୍ତା, ଯେଉଁଠି ଏହି ଓଲଟା ଗଛ ଦେଖିବାକୁ ମିଳେ । ଉକ୍ତ ଗଛଟି ଏକ ଡିମିରି ବା ଫିଗ୍ ଗଛ ଅଟେ । ଏହି ଗଛଟି ଆର୍କୱେର ଛାତରେ ହୋଇଛି । ଆଉ ତାହା ତଳ ଆଡକୁ ଝୁଲି ରହିଛି । ତେବେ ଏହି ଗଛଟି କିଭଳି ଛାତ ଉପରେ ହେଲା ଓ ତାହା କେବେଠୁ ଉଠିଛି ତାହା କେହି ଜାଣି ନାହାନ୍ତି । ସମୟକ୍ରମେ ଏହା ଅଧିକ ମଜଭୁତ ହୋଇଗଲାଣି ଓ ସେଥିରେ ଫଳ ବି ଧରିଲାଣି । ତେବେ ଏହି ଗଛ କିଭଳି ମାଧ୍ୟାକର୍ଷଣ ଶକ୍ତି ବିପରୀତ ବଢିଛି ତାହା ବୈଜ୍ଞାନିକମାନଙ୍କ ପାଇଁ ବି ଆଶ୍ଚର୍ଯ୍ୟ ହୋଇ ରହିଛି ।











# ୟୁଭି ଟାଟୁ

ଟାଟୁ କରିବାର କ୍ରେଜ୍ ଆଜିକାଲି ଯୁବପିଢ଼ିଙ୍କ ମଧ୍ୟରେ ବହୁତ ବଢ଼ି ଯାଇଛି । ଫ୍ୟାଶନେବଲ୍ ସହ ଟ୍ରେଣ୍ଡି ଲୁକ୍ ପାଇବା ପାଇଁ ଶରୀରର ବିଭିନ୍ନ ସ୍ଥାନରେ ଟାଟୁ କରାଯାଉଛି । ତେବେ ଇଂଲଣ୍ଡର ଜନି ହଲ୍ ନାମକ ଜଣେ ଟାଟୁ ଆର୍ଟିଷ୍ଟ ଏବେ ଏହି ଟାଟୁର ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛନ୍ତି । ସେ ୟୁଭି ରିଆକ୍ଟିଭ୍ କାଳି ବ୍ୟବହାର କରୁଛନ୍ତି କଳା ଓ ଧୂସର ରଙ୍ଗର ଏହି ଟାଟୁକୁ ଟିକେ ଔଜ୍ଜଲ୍ୟମାନ କରିବା ପାଇଁ । ଅର୍ଥାତ୍ ସାଧାରଣ ଟାଟୁ ପରି ଦେଖାଯାଉଥିବା ଏହି ଟାଟୁ ଅଲ୍ଟ୍ରା ଭାଓଲେଟ୍ ବ୍ଲାକ୍ ଲାଇଟ୍ ବଲ୍ବ ସଂସ୍ପର୍ଶରେ ଆସିଲେ ଟାଟୁଟିର ଲୁକ୍ ସମ୍ପୂର୍ଣ୍ଣ ବଦଳିଯାଏ । ଆଉ ସେଥିରୁ ସବୁଜ, ନୀଳ ଲାଇଟ୍ ଜଳିବା ପରି ଦେଖାଯାଏ ଓ ଟାଟୁ ଜୀବନ୍ତ ଲାଗେ । ହେଲେ ୟୁଭି ରିଆକ୍ଟିଭ ଇଙ୍କ୍ ବ୍ୟବହାର କରି ଟାଟୁ କରିବା ବହୁତ କଷ୍ଟ । କାରଣ ଏହା ବହୁତ ପତଳା । କିନ୍ତୁ ଏହାକୁ ଠିକ୍ ଭାବେ ବ୍ୟବହାର କଲାପରେ ଫଳାଫଳ ବହୁତ ଆକର୍ଷକ ମିଳେ ।

# ଭୂମିକମ୍ପରୁ ରକ୍ଷା କରିବ ଖଟ





ନିକଟରେ ଭୂମିକମ୍ପ ସିରିୟାରେ ମୃତ୍ୟୁର ତାଣ୍ଡବ କରିଛି, ଯାହାକୁ ଦେଖି ସାରା ବିଶ୍ୱ ସ୍ତବ୍ଧ ଓ ଭୟରେ ଶିହରି ଯାଉଛି । ରାତିରେ ଶୋଇବାକୁ ମଣିଷ ଡରୁଛି । କାଳେ ଶୋଇଥିବା ସମୟରେ ହିଁ ମଣିଷ ଚାଲିଯିବ ମୃତ୍ୟୁର କୋଳକୁ । ତେଣୁ ଆଖିରୁ ନିଦ ହଜି ଯାଇଛି । ଏଭଳି ସ୍ଥିତିକୁ ନଜରରେ ରଖି ଲୋକଙ୍କ ସୁରକ୍ଷା ପାଇଁ ବୈଜ୍ଞାନିକମାନେ ଏବେ ଡିଜାଇନ୍ କରିଛନ୍ତି ଏଭଳି ଖଟ, ଯାହା ଲୋକଙ୍କୁ ଭୂମିକମ୍ପରୁ ସୁରକ୍ଷା ପ୍ରଦାନ କରିବ । ଏହି ଖଟର ବିଶେଷତ୍ୱ ହେଉଛି ଯେ, ଘର ଭୁଶୁଡୁଥିବା ସମୟରେ ଉକ୍ତ ଖଟ ଲୋକଙ୍କ ଜୀବନ ରକ୍ଷା କରିବ । ଅର୍ଥକ୍ୱେକ୍ ପ୍ରୁଫ ନାମକ ଏହି ଖଟ ଧାତୁରେ ତିଆରି । ଏହାର ଉଚ୍ଚତା ଅଧିକ ଓ ଏଥିରେ ସେନ୍ସର ଲାଗିଛି । ଭୂମିକମ୍ପ ହେବାମାତ୍ରେ ଖଟର ମଝିଭାଗରୁ ଖୋଲିଯାଏ । ଫଳରେ ଶୋଇଥିବା ବ୍ୟକ୍ତି ଖଟ ଭିତରକୁ ପଶିଯିବେ । ଆଉ ଖୋଲାଥିବା ଖଟର ଅଂଶ ସଙ୍ଗେ ସଙ୍ଗେ ବନ୍ଦ ହୋଇଯିବ । କେବଳ ସେତିକି ନୁହେଁ ଖଟ ଭିତରେ ଖାଦ୍ୟ, ପାନୀୟ ରଖିବାର ସ୍ଥାନ ମଧ୍ୟ ଅଛି । ତେଣୁ ଖଟ ଭିତରେ ଥିବା ବ୍ୟକ୍ତି ଭୋକ ଶୋଷରେ ମରିବେ ନାହିଁ । ଆଉ ଖଟ ଉପରେ ଗଦା ହୋଇଥିବା ଘରର ଭଗ୍ନାବଶେଷକୁ ବାହାର କରି ଉଦ୍ଧାର କରିବା ପର୍ଯ୍ୟନ୍ତ ସେମାନେ ଖଟ ଭିତରେ ଆରାମରେ ରହିପାରିବେ । ତେବେ ଏହି ଖଟ ପ୍ରକୃତରେ କେତେ କାମ କରିବ ତାହା କେବଳ ଖଟଟି ତିଆରି ହେବାପରେ ହିଁ ଜଣାପଡିବ ।